



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ■ ବୁଧବାର ୨୬ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 JANUARY 2022
Vol.No. 33 ■ No. 25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅଧିକାର ଓ କର୍ତ୍ତବ୍ୟ ମୁଦ୍ରାର ଦୁଇ ପାର୍ଶ୍ୱ : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୫/୦୧ : ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଦେଶ ଓ ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, ସାଧାରଣତନ୍ତ୍ର ଦିବସ ପ୍ରତିଟି ଭାରତୀୟଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ଉତ୍ସବ। ୧୯୫୦ ମସିହା, ଏହି ଦିନରେ ଆମ ସମସ୍ତଙ୍କର ଏହି ଗୌରବମୟ ପରିଚୟ ଏକ ଆନୁଷ୍ଠାନିକ ରୂପ ପାଇଥିଲା। ରାଷ୍ଟ୍ରପତି କହିଛନ୍ତି, ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସରେ ଆମେ ନିଜର ଗତିଶୀଳ ଗଣତନ୍ତ୍ର ତଥା ଜାତୀୟ ଏକତାର ଭାବନାର ଉତ୍ସବ ପାଳନ କରିଥାଉ। ମହାମାରୀ କାରଣରୁ ଚଳିତ ବର୍ଷ ହୁଏତ ଆମେ ଏହି ଉତ୍ସବକୁ ଧୂମଧାମରେ ପାଳନ କରିପାରିବୁନିଲ କିନ୍ତୁ ଆମର ଭାବନା ସର୍ବୋପରି ସଶକ୍ତ ରହିଛି। ଅଧିକାର ଓ କର୍ତ୍ତବ୍ୟ ମୁଦ୍ରାର ଦୁଇ ପାର୍ଶ୍ୱ। ଆମର ଗଣତନ୍ତ୍ର ଏହା



ଉପରେ ଦୃଢ଼ତାର ସହ ଛିଡ଼ା ହୋଇଛି। ରାଷ୍ଟ୍ରପତି କହିଛନ୍ତି, ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଜନଆନ୍ଦୋଳନର ରୂପ ନେଇଛି। କରୋନା ବିରୋଧରେ ଦେଶବାସୀଙ୍କ ସଂଘର୍ଷ ଜାରି ରହିଛି। କୋଭିଡ୍ ବିରୋଧରେ ଭାରତ ଅନ୍ୟ ଦେଶକୁ ମଧ୍ୟ ସାହାଯ୍ୟ କରୁଛି। କୋଭିଡ୍ ମୁକାବିଲାରେ ଡାକ୍ତର ଓ ନର୍ସଙ୍କ କର୍ତ୍ତବ୍ୟ ଉଚ୍ଚ ପ୍ରଶଂସନୀୟ। କୋଭିଡକୁ ହରାଇବା ପାଇଁ ରାଷ୍ଟ୍ରଧର୍ମ ପାଳନ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ମନେ ପକାଇ ରାଷ୍ଟ୍ରପତି କହିଛନ୍ତି, ୧୯୩୦ରେ ମହାତ୍ମା ଗାନ୍ଧି ଦେଶବାସୀଙ୍କୁ ପୂର୍ଣ୍ଣ ସ୍ୱରାଜ ଦିବସ ମନାଇବାର ପଦ୍ଧତି ବୁଝାଇଥିଲେ। ଗାନ୍ଧିଜୀଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶ ଯଥାଶକ୍ତି ରଚନାତ୍ମକ କାମ କରିବା ସର୍ବଦା ପ୍ରାସଙ୍ଗିତ ରହିବ। ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ସାରା ବିଶ୍ୱକୁ ଦିଗଦର୍ଶନ ଦେଉଛି। ଆମର ସଭ୍ୟତା ପ୍ରାଚୀନ, କିନ୍ତୁ ଗଣତନ୍ତ୍ର ନୂଆ। ରାଷ୍ଟ୍ର ନିର୍ମାଣ ଆମ ପାଇଁ ଏକ ନିରନ୍ତର ଅଭିଯାନ ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି ଆହୁରି କହିଛନ୍ତି, ଗତବର୍ଷ ଅଲିମ୍ପିକ୍ସରେ ଆମର ଖେଳାଳିମାନେ ଦମଦାର ପ୍ରଦର୍ଶନ କରି ଦେଶରେ ଖୁସିର ଲହରି ଖେଳାଇ ଦେଇଥିଲେ। ଯୁବ ବିଜେତାଙ୍କ ଆତ୍ମବିଶ୍ୱାସ ଆଜି ଦେଶବାସୀଙ୍କୁ ପ୍ରେରିତ କରିଛି। ଆଗାମୀ ଦିନରେ ଯୁବ କ୍ରୀଡ଼ାବିତ୍ ଦେଶକୁ ଗୌରବାନ୍ୱିତ କରିବାର ଆହୁରି ଅନେକ ସୁଯୋଗ ଦେବେ ବୋଲି ସେ କହିଛନ୍ତି।




## ପୋଲ ଉପରୁ ଖସିଲା କାର୍ : ୭ ମୃତ

ମୁମ୍ବାଇ,୨୫/୦୧: ମହାରାଷ୍ଟ୍ରର ବର୍ଦ୍ଧା ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଘଟଣାରେ ବିଜେପି ବିଧାୟକ ବିଜୟ ରହାଙ୍ଗଦଲେଙ୍କ ପୁଅ ଆବିଷ୍କାର ରହାଙ୍ଗଦଲେଙ୍କ ସମେତ ୭ଜଣଙ୍କ ମୃତ୍ୟୁ ହୋଇଛି । ସୋମବାର ରାତି ପାଖାପାଖି ସାଢେ ୧୧ଟା ସମୟରେ ବର୍ଦ୍ଧା ସେଲସୁରା ନିକଟରେ ଏପରି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ କାରଟି ଅତି ଦ୍ରୁତ ଗତିରେ ଆସୁଥିବାବେଳେ ଏପରି ଦୁର୍ଘଟଣା ଘଟିଛି । ମୃତ ସମସ୍ତ ଛାତ୍ର ମେଡିକାଲ ଛାତ୍ର ବୋଲି ଜଣାପଡିଛି । ବିଜେପି ବିଧାୟକଙ୍କ ପୁଅ ଅଭିଷ୍କାର ତାଙ୍କ ସାଙ୍ଗମାନଙ୍କ ସହ କାର୍ ଯୋଗେ ଦେଓଲିରୁ ପାର୍ଟି ସାରି ଓ୍ୱାର୍ଦ୍ଧାକୁ ଯାଉଥିଲେ। ସେମାନେ ସମସ୍ତେ ସେଲସୁରା ବ୍ରିଜ୍ ଅତିକ୍ରମ କରୁଥିବା ବେଳେ ହଠାତ୍ ଗୋଟିଏ ଜଙ୍ଗଲୀ ପଶୁ ସେମାନଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲା। ପଶୁଟିକୁ ରକ୍ଷା କରିବା ପାଇଁ ଗାଡ଼ି ଚାଳକ ଜଣଙ୍କ ହଠାତ୍ ବ୍ରେକ ଲଗାଇ ଦେଇଥିଲେ। ଫଳରେ କାର୍‌ଟି ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୭ ଜଣଙ୍କ ଜୀବନ ଯାଇଛି। ସେହିପରି ଗାଡ଼ିଟି ପୂରା ଧ୍ୱଂସ ହୋଇଯାଇଛି।


### ପଂଚାୟତ ନିର୍ବାଚନ: ନାମାଙ୍କନ ଦାଖଲ ପାଇଁ ମିଳିବ ଦ୍ୱିତୀୟ ସୁଯୋଗ

## ୨୭ରେ ବିଜ୍ଞପ୍ତି , ୨୯ରୁ ୩୧ ନାମାଙ୍କନ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ପଂଚାୟତ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ପାଇଁ ପୁଣି ଥରେ ମିଳିବ ସୁଯୋଗ। ପଂଚାୟତ ନିର୍ବାଚନ ଲାଗି ଯେଉଁଠି ପ୍ରାର୍ଥୀପତ୍ର କେହି ଦାଖଲ କରି ନାହାନ୍ତି କିମ୍ବା ଯେଉଁ ସ୍ଥାନରେ ସମସ୍ତ ପ୍ରାର୍ଥୀପତ୍ର ନାକଚ ହୋଇ ଯାଇଛି, ସେହି ସ୍ଥାନରେ ଆଉଥରେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏନେଇ ୨୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ଆସନ୍ତା ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର



ଦାଖଲ ହେବ। ଫେବୃୟାରୀ ୧ ତାରିଖରେ ଯାଂଚ ପ୍ରକ୍ରିୟା ଆରମ୍ଭ ହେବ ଏବଂ ୪ ତାରିଖରେ ଚୂଡାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇବ। ୪ ହଜାରରୁ ଅଧିକ ୱାର୍ଡ ମେମ୍ବର, ୭ ଜଣ ସରପଂଚ ଓ ୬ ଜଣ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ। ରାଜ୍ୟର କୋଭିଡ ସ୍ଥିତି ଉପରେ ନଜର ରଖାଯାଇଛି। ବିଭିନ୍ନ ଦିଗକୁ ତର୍ଜମା କରି ପ୍ରଚାର ପାଇଁ କଟକଣା ନେଇ ନିଷ୍ପତି ନିଆଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି। ଏହାପରେ ଯଦି କୌଣସି ନିର୍ବାଚନ କ୍ଷେତ୍ରରେ ▶▶ପୃଷ୍ଠା ୭



## ଓଡ଼ିଶାରୁ ୬ ଜଣଙ୍କୁ ପଦ୍ମ ପୁରସ୍କାର

### ପ୍ରତିଭାଙ୍କୁ ପଦ୍ମ ବିଭୂଷଣ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ୨୦୨୧ ବର୍ଷ ପାଇଁ ସମ୍ମାନଜନକ ପଦ୍ମ ପୁରସ୍କାର ମଙ୍ଗଳବାର ଘୋଷଣା ହୋଇଛି । ଉଲ୍ଲେଖନୀୟ ଅବଦାନ ପାଇଁ ୪ ଜଣଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ୧୭ ଜଣଙ୍କୁ ପଦ୍ମଭୂଷଣ ଓ ୧୦୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାରୁ ୬ ଜଣ ଅଛନ୍ତି। ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପ୍ରତିଭା ରାୟଙ୍କୁ ମିଳିବ ପଦ୍ମଭୂଷଣ ସମ୍ମାନ। ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ମିଳିବ ପଦ୍ମଶ୍ରୀ ସମ୍ମାନ। ସେହିପରି ସମାଜସେବା ପାଇଁ ଶିଶୁ ଅନନ୍ତ ମଠର ମହନ୍ତ ଶ୍ରୀମଦ୍ ବାବା ବଳିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇଁ ଆଦିତ୍ୟ ପ୍ରସାଦ ଦାଶ, କଳା କ୍ଷେତ୍ରରେ ଅବଦାନ ପାଇଁ ଶ୍ୟାମାମଣି ଦେବୀଙ୍କୁ ଏବଂ ସାହିତ୍ୟ ଓ ଶିକ୍ଷା ପାଇଁ ନରସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରଯିବ। ୪ ଜଣଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। ଭାରତର ପ୍ରଥମ ସିଡିଏସ୍ ବିପିନ ରାଓ୍ୱତଙ୍କୁ ମରଣୋତର ପଦ୍ମ ବିଭୂଷଣ ସମ୍ମାନ, ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ମରଣୋତର ପଦ୍ମ ବିଭୂଷଣ, ରାଧେ ଶ୍ୟାମ ଖେମକାଙ୍କୁ ସାହିତ୍ୟ ପାଇଁ ମରଣୋତର ପଦ୍ମ ବିଭୂଷଣ, କଳା କ୍ଷେତ୍ରରେ ଅବଦାନ ପାଇଁ ପ୍ରଭା ଆତ୍ରେଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ। ଗୁଲାମ ନବୀ ଆଜାଦ, ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ ପଦ୍ମଭୂଷଣ, ପାରା ଆଥଲେଟ୍ ଦେବେନ୍ଦ୍ର ଝାଝାରିଆ, ସୁନ୍ଦର ପିଚାଇଙ୍କୁ ପଦ୍ମଭୂଷଣ, ସାଇରସ୍ ପୁନାଓ୍ୱାଲାଙ୍କୁ ପଦ୍ମଭୂଷଣ ସମ୍ମାନ, ଆଥଲେଟ୍ ସୁମିତ ଅଂଟିଲ, ନୀରଜ ଚୋପ୍ରା, ବନ୍ଦନା କାଟରିଆଙ୍କୁ ପଦ୍ମଶ୍ରୀ, କଳା କ୍ଷେତ୍ର ପାଇଁ ଚନ୍ଦ୍ର ପ୍ରକାଶ ଦ୍ୱିବେଦୀଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ।






## ବିପୁଳ ପରିମାଣର ବ୍ରାଉନସୁଗାର ଓ ଟଙ୍କା ଜବତ: ଜଣେ ଗିରଫ, ଜଣେ ଫେରାର

ଭୁବନେଶ୍ୱର,୨୫/୦୧(ନି.ପ୍ର): ପ୍ରଥମ ଥର ପାଇଁ ନୟାଗଡରୁ ବିପୁଳ ପରିମାଣରେ ବ୍ରାଉନସୁଗାର ଜବତ କରିଛି ଏସଟିଏଫ୍ । ଏହି ଘଟଣାରେ ଅଭିଯୁକ୍ତ କେ. ଭିକି ରାଓ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସାଦ ଦାସ ଫେରାର ରହିଛି । ଏସଟିଏଫ ଚଢାଉ କରି ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗାର, ୩ଟି ୭ ଏମ୍‌ଏମ୍ ପିସ୍ତଲ, ୪୩ଟି ଅଫୁଟା ଗୁଳି, ନଗଦ ୬୫ ଲକ୍ଷ ଟଙ୍କା, ଟଙ୍କା ଗଣିବା ମେସିନ୍, ୩ଟି ମୋବାଇଲ, ଗୋଟିଏ ଟ୍ୟାବ, ଆଧାରକାର୍ଡ଼, ଏଟିଏମ କାର୍ଡ଼, ପ୍ୟାନ କାର୍ଡ଼ ଜବତ



କରିଛି । ନୟାଗଡର ଶିବ ଆଉ ତାର ସହଯୋଗୀ ନିଶା କାରବାର ଚଳାଉଥିଲା । ଏହି ସମୟରେ ବଡ ଧରଣର ଡିଲ୍ ହୋଇଥିଲା । ଏହି ସୂଚନା ପାଇବା ପରେ ଏସଟିଏଫ ଉଦୟଲେନ୍, ସିନ୍ଦୁରା ଗାଁରେ ରେଡ୍ କରିଥିଲା । ଏବେ ଗିରଫ ଅଭିଯୁକ୍ତ ଭିକି ରାଓକୁ କୋର୍ଟ ଫରଓ୍ୱାର୍ଡ କରିବ ଏସଟିଏଫ୍ । ଭିକିର ଘର ଖୋର୍ଦ୍ଧା ଜଟଣି ରାଜାବଜାର ଅଂଚଳର । କ୍ରାଇମବ୍ରାଂଚ ଏଡିଜି କହିଛନ୍ତି ଯେ ରାଜ୍ୟରେ ନିଶା କାରବାରର ମୂଳୋତ୍ପାଟନ ପାଇଁ ୨୦୨୦ରୁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି । ଗତ ୨ବର୍ଷ ଭିତରେ ୪୭ କେଜି ବ୍ରାଉନ ସୁଗାର ଜବତ କରିଛି ଏସଟିଏଫ । ଏ ଅବଧି ଭିତରେ ନିଶା କାରବାରରେ ସଂପୃକ୍ତ ୧୨୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬୭ଟି ଆଗ୍ନେୟାସ୍ତ୍ର ଜବତ କରିଛି ଏସଟିଏଫ ।

# ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରଶାସନ ପଦକ୍ଷେପ ନେବ : ଜିଲ୍ଲାପାଳ

ପୁରୀ,୨୫/୧ (ନି.ପ୍ର): ବିଶ୍ୱଠାକୁର ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବ ବୋଲି କହିଛନ୍ତି ଜିଲାପାଳ ସମର୍ଥ ବର୍ମା । ଏ ସଂପର୍କରେ ଆଜି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର, ମିଶନ ଓଡ଼ିଶା ସଂପାଦକ ମଧୁସୂଦନ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ଭୁବନେଶ୍ୱରର ପ୍ରତିଷ୍ଠାତା ପୀତବାସ ରାଉତରାୟ, ଗବେଷକ ଡକ୍ଟର ଭାସ୍କର ମିଶ୍ର, ପଣ୍ଡିତ ନରେଶ ଚନ୍ଦ୍ର ଦାଶ, ଡକ୍ଟର ଶରତ ମହାନ୍ତି, ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା, ଗବେଷକ ଶ୍ୟାମପ୍ରକାଶ ସେନାପତି, ଜିଲ୍ଲାପାଳଙ୍କ ସହ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ୧୮ଟି ଗଠନମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। ଭଜନ ମଣ୍ଡପ, ଏଫ୍ ଏମ୍ ରେଡ଼ିଓ, ବିଭିନ୍ନ ଭାଷାରେ ପୁସ୍ତକ ପ୍ରକାଶନ, ଆମିଷମୁକ୍ତ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଭଜନ ସହ ମନ୍ଦିର ଭିତର ନୀତିର ପ୍ରତ୍ୟେହ ପ୍ରସାରଣ, ସିଂହଦ୍ୱାର ସହ ଉତର ଦ୍ୱାରରେ ସୂଚନା କେନ୍ଦ୍ର, ନବନିର୍ମିତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ତଳେ ପୁସ୍ତକ ଓ ସିଡି କାଉଂଟର, ଲୀଳା କ୍ଷେତ୍ରର ବିକାଶ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗର ପୁନଃ ବିନ୍ୟାସ ପ୍ରଭୃତି ଅନେକ ବିଷୟରେ ଏଥିରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସଂସ୍କୃତି-ବିଭାଗ ଓଏସଡି ଶୁଭ୍ରାଂଶୁ ପାଢ଼ୀ ଓ ଲୋକସଂପର୍କ ବିଭାଗର ଜୀତେନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ । ମୁଖ୍ୟ ପ୍ରଶାସକ ଓ ପରିଚାଳନା କମିଟି ସହ ଖୁବ୍ ଶୀଘ୍ର ଏ ଦିଗରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

# ଜୟପୁର ଦୈନିକ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ

ଜୟପୁର ,୨୫/୧ (ନି.ପ୍ର): ଜୟପୁର ଦୈନିକ ବଜାରରେ ବଡ ଧରଣର ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡରେ ଛୋଟ ଛୋଟ ବ୍ୟବାସୀୟୀ ଙ୍କ ସାମଗ୍ରୀ ପୋଡି ଯାଇଥିଲା । ଏନେଇ ଆଜି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସଟସାର୍କିଟ ଯୋଗୁଁ ବଜାର ଅଗ୍ନିକାଣ୍ଡ ଘଟିଥିଲା । ଏହି ଖବର ପ୍ରଚାରିତ ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବଜାର କୁ ଯାଇ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ ବଜାର ନିର୍ମାଣ କରିବାକୁ ପୌର ପରିଷଦ କୁ ନିର୍ଦ୍ଦେଷ ଦେଇଥିଲେ । ସେହି ଅନୁଯାଇ ସୋମବାର ଠାରୁ କାର୍ଯ୍ୟ ଆରମ୍ଭ ହୋଇଛି । ବଜାର କୁ ବିହନ ନିଗମ ଅଧ୍ୟକ୍ଷ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମଧ ଯାଇ ବ୍ୟବସାୟଙ୍କ୍ ସହ ଆଲୋଚନା କରିଥିଲେ । ବ୍ୟବସାୟୀଙ୍କ ସଂଘକୁ ୫୦ ହଜାର ଟଙ୍କା ସହାୟତା କରିଥିଲେ । ଯାହା ସାହାଯ୍ୟ ଦରକାର ପୌର ପରିଷଦ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜି ବଜାର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବ୍ୟବସାୟି ମାନେ ଖୁସି ପ୍ରକଟ କରିଥିଲେ । କ୍ଷତିଗ୍ରସ୍ତ ବ୍ୟବସାୟି ଙ୍କୁ ସହାୟତା ମଧ ଦିଆଯିବ ବୋଲି ବିଧାୟକ ବାହିନିପତି ସୁଚନା ଦେଇଛନ୍ତି । ଜୟପୁର ମୁଖ୍ୟ ବଜାରର ବିକାଶ ହେବା ସହ ବ୍ୟବସାୟୀଙ୍କ ପାଇ ସମସ୍ତ ସୁବିଧା ମଧ ରହିବ ବୋଲି ବିଧାୟକ ସୁଚନା ଦେଇଛନ୍ତି । ଗତ କାଲି ଭୋର ସମୟରେ ଦୈନିକ ବଜାରରେ ନିଆ ଲାଗି ହୁ ହୁ ହୋଇ ଜଳିଥିଲା । ଜୟପୁର ଦମକଳ ବିଭାଗ ପହଂଚି ନିଆକୁ ଆୟତ କରିବାରେ ସଫଳ ହୋଇଥିଲା । ଅଗ୍ନିକାଣ୍ଡ ଘଟିବାରୁ ହୁ ହୁ ହୋଇ ଗୋଟିଏ ପରେ ଗୋଟିଏ ପିଣ୍ଡି ଜଳିଥିଲା । ଏମିତି କି ୫ଟି ପିଣ୍ଡି ଲାଇନ ଜଳିଯାଇଥିଲା । ହେି ଲାଇଲେ ବସୁଥିବା ପାଖା ପାଥି ୬୦ ରୁ ଅଧିକ ବ୍ୟବସାୟୀ ଙ୍କ ବିଭିନ୍ନ ସାମଗ୍ରୀ ପୋଡିଯାଇଥିଲା ।

# ସପ୍ତାହେ ହେଲା ଜଳୁନି ଷ୍ଟ୍ରିଟ ଲାଇଟ୍

ନୂଆପଡ଼ା,୨୫/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ଜଗଦମ୍ବା ସୋ ରୁମ ପର୍ଯ୍ୟନ୍ତ ଗତ ଏକ ବର୍ଷ ହେଲା ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା । ଷ୍ଟ୍ରିଟ ଲାଇଟ ବଳ ଜଳୁ ମଧ ଥିଲା । ହେଲେ ଗତ ଏକ ସପ୍ତାହ ହେବ ମିଶନ ଠାରୁ ଜଗଦମ୍ବା ସୋ ରୁମ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଜଳୁନାହିଁ । ଯାହାଫଳରେ ରାତି ସମୟରେ ଚୋରୀ ଡକାୟତିର ଭୟ ରହୁଛି । ସକାଳ ସମୟରେ ମଧ ରାତି ୪ ଟା ସମୟରୁ ମର୍ନିଂଗ ୱାକ୍ ରେ ମହିଳା ମାନେ ଆସୁଥିଲେ । କିନ୍ତୁ ଏକ ସପ୍ତାହ ହେଲା ଷ୍ଟ୍ରିଟ ଲାଇଟ ଜଳୁ ନଥିବାରୁ ରାତି ୮ଟା ପରେ ରାସ୍ତା ପୁରା ସୁନସାନ୍ ହୋଇଯାଉଛି । ମର୍ନିଂଗ ୱାକ ମଧ ଲୋକେ କରିବା ପାଇଁ ଭୟ କରୁଛନ୍ତି । ଖଡିଆଳ ଏନଏସି ସହିତ ବିଦ୍ୟୁତ ବିଭାଗ ଏଥିପ୍ରତି ଯତ୍ନବାନ ହୋଇ ତୁରନ୍ତ ଷ୍ଟ୍ରିଟ ଲାଇଟ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଦାବୀ ହୋଇଛି ।

# ବାଲିମେଳା ସାମ୍ବାଦିକ ସଂଘର ବୈଠକ

ମାଲକାନଗିରି,୨୫/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଂଚଳରେ କାର୍ଯ୍ୟରତ ଥିବା ସାମ୍ବାଦିକ ମାନଙ୍କ ପକ୍ଷରୁ ବାଲିମେଳା ୟୁ.ଜି.ଏମ.ଇ ସ୍କୁଲ ସମ୍ମୁଖରେ ନବନିର୍ମିତ ସାମ୍ବାଦିକ କାର୍ଯ୍ୟାଳୟ ଠାରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ପରେ ୭୩ତମ ସାଧାରଣତନ୍ତ୍ର ଦିବସ ଚଳିତ ବର୍ଷ ପ୍ରଥମ ଥର କରି ନବନିର୍ମିତ ସାମ୍ବାଦିକ କାର୍ଯ୍ୟାଳୟ ଠାରେ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବପ୍ରସାଦ ଦାଶ, ଯଦୁପତି ମହାନ୍ତି, ଚନ୍ଦନ ବାରିକ, ରବି ରଶ୍ମି ଗୁରୁ, ଶୁଭାଶିଷ କର, ସୁଧାଂଶୁଶେଖର ମହାନ୍ତି, ମୋନଜ ଦେବ ପାଙ୍ଗି, ଦେବାଶିଷ ପାତ୍ର, ଅରୁଣ ପାତ୍ର, ଇସାକ ଖୋସଲା, ସୁଶାନ୍ତ ମହାରଣା, ପ୍ରଦୀପ କୁମାର ରାଉଳ, ଶିବଦତ ସାହୁ, ରାକେଶ କୁମାର କୁଲଦୀପ, ଅଜୟଭଦ୍ରା ଓ ସିମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବଡକାଳିମାଟି ପଂଚାୟତରେ ତାଲା ପଡିବାରୁ ପ୍ରାର୍ଥୀପତ୍ର ଦାଖଲ କରିପାରିଲେ ନାହିଁ ପ୍ରାର୍ଥୀନୀ

କେନ୍ଦୁଝର ,୨୫/୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ନାମାଙ୍କନ ପତ୍ର ଶେଷ ଦିନରେ ବାମେବାରୀ ଥାନା ଅନ୍ତର୍ଗତ ବଡକାଳିମାଟି ପଂଚାୟତର ସରପଂଚ ପ୍ରାର୍ଥୀନୀ ଗୌରୀ ନାୟକ ନାମାଙ୍କନ ପତ୍ର ଦାଖଲ ସମୟରେ କିଛି ଲୋକ ଗଣ୍ଡଗୋଳ କରି ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇଦେବା ସହ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ନାମାଙ୍କନପତ୍ର ଦାଖଲ କରାଇ ଦେଇନଥିଲେ । ଫଳରେ ସେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରି ପାରି ନଥିଲେ ବୋଲି ବିଳମ୍ବରେ ମିଳିଥିବା ଏକ ଖବରରୁ ଜଣାପଡିଛି । ଏ ସମ୍ପର୍କରେ ସେ ଯୋଡା ବିଡିଓଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ, ପୁରୁଣାଡିହି ଗ୍ରାମର ଗୌରି ନାୟକ ନାମଙ୍କନ ପତ୍ର ଦାଖଲ କରିବାର ଶେଷ ଦିବସର ଦିନ ୧୧ ଟି ସମୟରେ ବଡକାଳିମାଟି ଗ୍ରାମପଂଚାୟତକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ସମର୍ଥକ ଏବଂ ପ୍ରସ୍ତାବକଙ୍କ ସହ ଆସିଥିଲେ । ଏହି ସମୟରେ ବଡକାଳିମାଟି ପଂଚାୟତ ଅଫିସ ସମ୍ମୁଖରେ କାଳିମାଟି ଅଂଚଳର ବଳଭଦ୍ର ପାତ୍ର, ଦୁବୁନା ଅଂଚଳର ରବୀନ୍ଦ୍ର ଖମାଣିଆ, ବାମେବାରୀ ଅଂଚଳର ସନାତନ ବାରିକ, ପରମେଶ୍ୱର ନାଏକ, ଜଗନ୍ନାଥ ପାତ୍ର ଏବଂ ଅନ୍ୟ କେତେଜଣ ସହଯୋୀ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ପଂଚାୟତ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ ଏବଂ ସେମାନଙ୍କ ହାତରୁ ପ୍ରାର୍ଥୀପତ୍ର ଛଡାଇ ନେଇ ଚିରିଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପ୍ରାର୍ଥୀପତ୍ର ଦାଖଲ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ପ୍ରାର୍ଥୀଙ୍କ ସୁରକ୍ଷା ଦିଆଯାଇନଥିଲା । ଫଳରେ ପ୍ରାର୍ଥୀ ଗୌରୀ ନାୟକ ମନୋନୟନ ପତ୍ର ଦାଖଲ କରପାରିନଥିଲେ । ସମର୍ଥକ ଏବଂ ପ୍ରସ୍ତାବକ ଜୀବନ ଭୟରେ ସେଠାରୁ ପଳାଇ ଆସିଥିଲେ । ଏତଲାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ପ୍ରରୋଚନାରେ ତାଙ୍କର କେତେକ ସମର୍ଥକ ଏଭଳି ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ମନୋନୟନ ପତ୍ର ଦାଖଲ କରିବାକୁ ଆସିଥିବା ପ୍ରାର୍ଥୀ ଗୌରୀ ନାୟକ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୨ ଦଫା ୧୪୭,୧୪୮,୩୪୧,୨୯୪,୫୦୬,୧୨୦(ବି),୧୪୯,ଏସଟି ଏସସି ପ୍ରିଭେନସନ ଅଫ ଆଟ୍ରୋସିଟି ଆକ୍ଟ ୧୯୮୯ ର ଧାରା ୩(୧) ମାମଲା ରୁଜୁ ହୋଇଛି । ଏଥିସହ ଦାୟିତ୍ୱରେ ଅବହେଳା କରିଥିବା ସଂପୃକ୍ତ ପଂଚାୟତର ଜିପିଇଓଙ୍କ ସମେତ ବିଡିଓ, ଏବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାରୁ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଦାବୀ ହୋଇଛି ।

# ସାଲିମି ମଣ୍ଡିରୁ ଧାନ ଉଠାଯାଉନଥିବାରୁ ଚାଷୀଙ୍କ ରାସ୍ତାରୋକ

ମାଲକାନଗିରି,୨୫/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ମଣ୍ଡିରେ ଦୀର୍ଘ ଏକ ସପ୍ତାହ ହେଲାଣି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଶହ ଶହ ବସ୍ତା ଧାନ ଆଣି ବର୍ଷା, ଶୀତ କାକରରେ ମଣ୍ଡିରେ ରଖି ଜଗି ରହିଥିଲେ ମଧ ସେମାନଙ୍କ ଧାନ ବିଭାଗ ପକ୍ଷରୁ ଉଠା ଯାଉନଥିବା ଅଭିଯୋଗ କରି ଆଜି ଶତାଧିକ ଚାଷୀ ସାଲିମିରୁ ଛତିଶଗଡ଼ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଛି । ଖବର ପାଇ ମାଥିଲି ବ୍ଲକ ଯୋଗାଣ ନିରୀକ୍ଷକ ଓ ଲ୍ୟାମ୍ପ କର୍ମଚାରୀ ମାନେ ଯାଇ ଚାଷୀଙ୍କୁ ବୁଝାସୁଝା କରିଥିଲେ ବି ସେମାନେ ଆନ୍ଦୋଳନରୁ ଉଠି ନଥିଲେ । କେବେ ଧାନ ଉଠାଯିବ ଲିଖିତ ପ୍ରତିଶୃତି ଦିଆଗଲେ ଯାଇ ଆନ୍ଦୋଳନରୁ ଓହରିବେ ବୋଲି ଚାଷୀ ମାନେ କହିଥିଲେ ।ରାସ୍ତା ଅବରୋଧ ଯୋଗୁଁ ଲୋକ ମାନେ ବହୁ ହଇରାଣର ସମ୍ମୁଖୀନ ହୋଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଚାଷୀଙ୍କ ଆନ୍ଦୋଳନ ଜାରୀ ରହିଛି !

# ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ଝୁଲୁଛି ତାଲା

ନୂଆପଡ଼ା,୨୫/୧ (ନି.ପ୍ର): ଖଡିଆଳ ବ୍ଲକ ଅନ୍ତର୍ଗତ ବିଜେପୁର ଗ୍ରାମ ଠାରେ ଥିବା ଆୟୁର୍ବେଦିକ ସରକାରୀ ଡାକ୍ତରଖାନା କାମରେ ଆସନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଡାକ୍ତରଖାନାରେ ଡାକ୍ତର କିମ୍ବା ଅନ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ନଥିବାରୁ ଗତ ୨/୩ ବର୍ଷରୁ ଅଧିକ ହେବ ଡାକ୍ତରଖାନାରେ ତାଲା ଝୁଲୁଛି । ସରକାର ଲୋକଙ୍କ ଚିକିତ୍ସା ସକାଶେ ଡାକ୍ତରଖାନା ନିର୍ମାଣ କରୁଥିବା ବେଳେ ଡାକ୍ତରଖାନା ମାନଙ୍କରେ ଆବଶ୍ୟକ ଭିତିଭୂମିର ଅଭାବ କାରଣରୁ ଡାକ୍ତରଖାନାରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଏହି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତ ଥିବା ବେଳେ ଅଂଚଳର ଅନେକ ରୋଗୀ ଚିକିତ୍ସିତ ହୋଇ ଏହାର ସୁଫଳ ପାଇ ପାରୁଥିଲେ । ହେଲେ ଡାକ୍ତର ନଥିବାରୁ ଏହି ଡାକ୍ତରଖାନା ଦୀର୍ଘ ଦିନରୁ ବନ୍ଦ ପଡ଼ିଛି । ରୋଗୀ ମଧ ଆସୁନାହାନ୍ତି । ଯାହାଫଳରେ ଡାକ୍ତରଖାନା ପରିତ୍ୟକ୍ତ ହୋଇ ପଡ଼ି ରହିଥିବା ବେଳେ ଆଡବେସଷ୍ଟସ ମଧ ଭାଙ୍ଗିବାରେ ବସିଲାଣି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଜଣେ ଆୟୁର୍ବେଦିକ ଡାକ୍ତର ନିଯୁକ୍ତି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଯାତ୍ରୀଙ୍କୁ ଅଧା ବାଟରେ ଓହ୍ଲାଇବାରୁ ଉତ୍ତେଜନା

ଘସିପୁରା,୨୫/୧ (ନି.ପ୍ର): ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମ ଦେଇ ପ୍ରତେକ ଯାତ୍ରୀବାହୀ ବସ ଯିବା ଆସିବା କରୁଥିବା ବେଳେ କିଛି ବସ ମାଲିକ ବେଲବାହାଳି ଯାତ୍ରୀ ମାନଙ୍କୁ ଅଧା ବାଟରେ ଓହ୍ଲାଇ ଦେଇ ନୂଆ ରାସ୍ତା ଦେଇ ପଳାଉଥିବା ବେଳେ ବେଲବାହାଳି ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ଏକତ୍ରିତ ହୋଇ କିଛି ସମୟ ପାଇଁ ଉତେଜନାରେ ସୃଷ୍ଟି ହୋଇଥିଲା ।ପରେ ଗ୍ରାମର କିଛି ଯୁବକ ଆସି ବସ ଡ୍ରାଇଭର ସହ କଥାବାର୍ତା ହୋଇ ବସକୁ ଫେରାଇ ଯାତ୍ରୀ ମାନଙ୍କୁ ବସରେ ବସାଇ ବେଲବାହାଳି ବାଟେ ଆସି ଛକ ନିକଟରେ ଯାତ୍ରୀ ମାନଙ୍କୁ ଛାଡିଥିଲେ ।ଏଥିସହିତ ପ୍ରତେକ ଦିନ ପ୍ରତ୍ୟେକ ବସ ବେଲବାହାଳି ଛକ ଦେଇ ଯିବାପାଇଁ ଗ୍ରାମବାସୀ ମାନେ ଦାବି କରିଥିବା ବେଳେ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ବେଲବାହାଳି ଲୋକଙ୍କ ଦାବି ପୂରଣ କରିବା ସହ ଯେଉଁଭଳି ଭାବେ ଏନଏଚ ୨୦ନଂରୁ ବେଲବାହାଳି କୁ ପଶିବା ରାସ୍ତାଟି ଠିକାଦାର ଅଧାପନ୍ତରିଆ ରାସ୍ତା କାମକରି ଖଣ୍ଡିଆ ଖାବରା କରି ପକାଇଛନ୍ତି । ଯାହା ଫଳରେ କିଛି ବସ ବେଲବାହାଳି ରାସ୍ତାରେ ନଆସି ନୂଆ ରାସ୍ତାଦେଇ ପଳାଉଛନ୍ତି । ଏଥିପାଇଁ ବେଲବାହାଳି ପାଞ୍ଚ ପଞ୍ଚାୟତର ଜନସାଧାରଣ ବହୁ ହଇରାଣ କରୁଛନ୍ତି ଏଥିପ୍ରତି ତୁରନ୍ତ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାପାଇଁ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି । ନହେଲେ ଆଗାମୀ ଦିନରେ ଏହି ଅଞ୍ଚଳବାସୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ୧୧୩ ଦାମୀ ମୋବାଇଲ ଜବତ : ୩ ଅନ୍ୟ ରାଜ୍ୟ ଅପରାଧି ଗିରଫ

ବଲାଙ୍ଗିର ,୨୫/୧ (ନି.ପ୍ର): ଆନ୍ତଃରାଜ୍ୟ ମୋବାଇଲ୍ ଲୁଟେରାଙ୍କୁ ଧରିବାରେ ବଲାଙ୍ଗିର ପୋଲିସକୁ ମିଳିଛି ବଡ଼ ସଫଳତା । ଏବେ ବଲାଙ୍ଗିର ପୋଲିସ କବ୍‌ଜାରେ ଆନ୍ତଃରାଜ୍ୟ ମୋବାଇଲ୍ ଲୁଟେରା ପୋଲିସର ସ୍ୱତନ୍ତ୍ରଦଳ ଗଠିତ କରାଯାଇଥିଲାସେମାନେ ବିହାର ନେପାଳସୀମାରୁ ଏମାନଂକୁ ଧରିବାରେ ସଫଳ ହୋଇଥିଲେ ବିହାରଅଦାଲତରୁ ରିମାଣ୍ଡରେ ଆଣି ବଲାଙ୍ଗିର ପୋଲିସ ଅଧିକ ତଦନ୍ତକରୁଛି । ଅଭିଯୁକ୍ତ ମାନେ ପେସାଦାର ଲୁଟେରା ସେମାନେ ଅପରାଧ କଲା ପରେ ନେପାଳ ଚାଲି ଯାଆନ୍ତି କିନ୍ତୁ ପୋଲିସ ର ସମୟରେ ପଦକ୍ଷେପ ଯୋଗୁଁ ୩ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସେମାନଙ୍କଠାରୁ ୧୧୩ଟି ଦାମୀ ମୋବାଇଲ ଜବତ କରିଛି ବଲାଙ୍ଗିର ପୋଲିସ ଏହିଦଳର ଅନ୍ୟା ସଦସ୍ୟଅନ୍ୟପଟେକିଛି ଦାମୀ ମୋବାଇଲ ନେଇ ଅନ୍ୟପଟେ ଯାଇଥିବା ଯୋଗୁଁ ଚୋରୀ ର ୧୦ ଲକ୍ଷ୍ୟ ଟଙ୍କା ମୂଲ୍ୟର ମୋବାଇଲ ମିଳିନାହିଁ । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ରମାଇ ଟକିଜ ନିକଟସ୍ଥ ଏକ ମୋବାଇଲ ଦୋକାନରୁ ୧୪ ତାରିଖ ରାତିରେ ୫୦ ଲକ୍ଷ ଟଙ୍କାର ମୋବାଇଲ ଲୁଟ ହୋଇଥିଲା । ବଲାଙ୍ଗିର ପୋଲିସ ଘଟଣାର ତଦନ୍ତ କରି ବିହାର ରାଜ୍ୟରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୧୩ଟି ଦାମୀ ମୋବାଇଲ ମଧ ଜବତ ହୋଇଛି । ଜବତ ହୋଇଥିବା ମୋବାଇଲର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

# ବୌଦ୍ଧ ଜିଲ୍ଲା ବନପାଲି ଗ୍ରାମବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାରତ ମାତା ମନ୍ଦିର

ବୌଦ୍ଧ,୨୫/୧ (ନି.ପ୍ର): ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାବରେ ମାନ୍ୟତା ଲାଭ କରିଥିବା ଭାରତରେ ଅନେକ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାରା ନିର୍ମାଣ କରାଯାଇଛି । ଭାରତୀୟ ସମ୍ବିଧାନ ସବୁ ଧର୍ମର ଲୋକଙ୍କୁ ସମାନ ଅଧିକାର ଦେଇଥିବାବେଳେ ଜନ ସାଧାରଣ ନିଜର ଧାର୍ମିକ ଭାବନା ଅନୁଯାୟୀ ଏହି ସବୁ ଅନୁଷ୍ଠାନରେ ପୂଜାର୍ଚ୍ଚନା ଓ ସାଧନା କରିଥାନ୍ତି । ଏସବୁ ମଧ୍ୟରେ ରାଷ୍ଟ୍ରଭକ୍ତିକୁ ନେଇ ପୂଜାର୍ଚ୍ଚନା ବିରଳ ପରମ୍ପରା ଅଟେ । ବୌଦ୍ଧ ଜିଲ୍ଲାର ଉପାନ୍ତ ଗ୍ରାମ ବନପାଲି ଏହିପରି ରାଷ୍ଟ୍ରଭକ୍ତିକୁ ନେଇ ଉଦବୁଦ୍ଧ । ଗ୍ରାମରେ ଗୋଟିଏ ମନ୍ଦିର ଏବଂ ସେଠାରେ କୌଣସି ଦେବାଦେବୀ ନୁହଁ, ପୂଜା ପାଆନ୍ତି ଖୋଦ ଭାରତ ମାତା । ହାତରେ ତ୍ରିରଙ୍ଗା ଧରି ମନ୍ଦିର ଭିତରେ ସିଂହାସନରେ ପୂଜା ପାଉଛନ୍ତି ଭାରତମାତା । ବୌଦ୍ଧ ସଦର ମହକୁମାରୁ ଖୋର୍ଧା - ବଲାଙ୍ଗୀର ଜାତୀୟ ରାଜପଥରେ ସୁବର୍ଣ୍ଣପୁର ଆଡକୁ ଯିବାବେଳ ୨୫ କିଲୋମିଟର ପରେ ବହିରା ହାଇସ୍କୁଲ ଛକଠାରୁ ବାମକୁ ୬ କିଲୋମିଟର ଗଲେ ପଡେ ବନପାଲି ଗ୍ରାମ । ବୌଦ୍ଧବ୍ଲକ ଅନ୍ତର୍ଗତ ଗୋଛାପଡା ପଚାଂୟତ ଅନ୍ତର୍ଗତ ବନପାଲି ଗ୍ରାମରେ ରହନ୍ତି ପ୍ରାୟ ଶହେ ପରିବାର । ସମସ୍ତେ ପ୍ରାୟ ତନ୍ତି ସଂପ୍ରଦାୟର ଏବଂ ଲୁଗା ବୁଣି ପରିବାରର ଗୁଜୁରାଣ ମେଂଟାଇଥାନ୍ତି । ବନପାଲିରେ ଗ୍ରାମଦେବତୀ ଭାବରେ ପୂଜା ପାଉଥିବା ଭାରତମାତାଙ୍କ ଅବସ୍ଥିତିକୁ ନେଇ ମନ୍ଦିରର ବୟସ୍କ ପୂଜକ ବୃଷଭ ମେହେର (୮୦) କୁହନ୍ତି, ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୪୨ ମସିହାରୁ ଏଠାରେ ଭାରତମାତା ପୂଜା ପାଇଆସୁଛନ୍ତି । ଗ୍ରାମର ତିନି ଜଣ ବ୍ୟକ୍ତି ଗୋପୀନାଥ ମେହେର, ଦମନ ମେମହେର ଓ ରଘୁନାଥ ମେହେର ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ସେମାନଙ୍କ ଦ୍ୱାରା ଗ୍ରାମରେ ଭାରତ ମାତାଙ୍କ ମୂର୍ତି ସ୍ଥାପନା କରାଯାଇଥିବା ଅନୁମାନ କରାଯାଏ । ପ୍ରଥମେ ଠାକୁରାଣୀଙ୍କ ମନ୍ଦିର ଗ୍ରାମ ଭିତରେ ଥିଲା । ସେଠାରୁ ଦୁଇଟି ସ୍ଥାନକୁ ସ୍ଥାନାନ୍ତର କରାଯିବା ପରେ ଗାଁ ମୁଣ୍ଡ ପୋଖରୀ ନିକଟରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି । ଅନ୍ୟ ଦେବା ଦେବୀ ମନ୍ଦିର ଭଳି ଭାରତମାତା ମନ୍ଦିରରେ ସବୁ ପର୍ବପର୍ବାଣୀରେ ପୂଜାର୍ଚ୍ଚନା କରାଯାଏ । ପାଖ ପୋଡଶୀ ଗ୍ରାମରୁ ଶ୍ରଦ୍ଧାଳୁମାନେ ମଧ ହାତରେ ଭୋଗଥାଳି ନେଇ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ଗ୍ରାମବାସୀମାନେ ସମବେତ ହୋଇ ପୂଜାର୍ଚ୍ଚନା ଓ ସଂକିର୍ତନ କରିଥାନ୍ତି । ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ମନ୍ଦିର ନିକଟରେ ଜାତୀୟ ପତାକା ଉତୋଳନ କରାଯିବା ସହିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ନିର୍ବାଚିତ ଲୋକ ପ୍ରତିନିଧି, ସମାଜସେବୀ ଓ ସରକାରୀ ଅଧିକାରୀମାନଙ୍କୁ ଏହି ସ୍ୱତନ୍ତ୍ର ଦିବସରେ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥାଏ । ଅନ୍ୟ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଧ୍ୱଜା ଚଢା ଯିବାର ପରମ୍ପରା ରହିଥିବାବେଳେ ଏଠାରେ ଭାରତମାତାଙ୍କୁ ତ୍ରିରଙ୍ଗା ଚଢାଇବାର ପରମ୍ପରା ମଧ ରହିଛି । ବର୍ଷତମାମ ଯେକୌଣସି ଶ୍ରଦ୍ଧାଳୁ ଚାହିଁଲେ ମାତାଙ୍କ ପାଇଁ ନୂତନ ତ୍ରିରଙ୍ଗା ପତାକା ପ୍ରଦାନ କରିଥାନ୍ତି । ଗ୍ରାମର ଯୁବକମାନେ ଭାରତମାତା ଯୁବକ ସଂଘ ନାମରେ ଏକ ଅନୁଷ୍ଠାନ ଗଢିବା ସହିତ ଗ୍ରାମର ବିଭିନ୍ନ ପ୍ରକାର ଉନ୍ନତି କାର୍ଯ୍ୟରେ ସାମିଲ ହୋଇଥାନ୍ତି । ଗ୍ରାମର ସବୁ ନିଷ୍ପତି ସଭାସମିତି ମନ୍ଦିର ପ୍ରାଙ୍ଗଣରେ ବସି ନିଆଯାଇଥାଏ । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଏଠାରେ ଭାରତମାତାଙ୍କ ନିକଟରେ ପ୍ରଥମେ ନବାହ୍ନ ଲାଗି ହେବାପରେ ଗ୍ରାମବାସୀମାନେ ଖାଇଥାନ୍ତି । ଭାରତମାତାଙ୍କ ମନ୍ଦିର ପାଇଁ ଗ୍ରାମରେ ସର୍ବଦା ଶାନ୍ତ ବାତାବରଣ ରହିଥିବା ବୟସ୍କମାନେ ପ୍ରକାଶ କରିବା ସହିତ ନୂଆପିଢୀକୁ ମଧ ମାଙ୍କ ପୂଜାର୍ଚ୍ଚନାରେ ହେଳା ନକରିବାକୁ ପରାମର୍ଶ ଦେଇଥାନ୍ତି । ବନପାଲି ଗ୍ରାମବାସୀଙ୍କ ସମସ୍ତ ଦୁଃଖ, ସୁଖ, ପର୍ବପର୍ବାଣୀର ଏକମାତ୍ର ମୂକସାକ୍ଷୀ ଭାବରେ ଦୀର୍ଘବର୍ଷ ହେଲା ପୂଜା ପାଇଆସୁଛନ୍ତି ଭାରତ ମାତା । ସତରେ ବନପାଲି ଗ୍ରାମବାସୀଙ୍କ ଅନନ୍ୟ ରାଷ୍ଟ୍ରଭକ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ନିଶ୍ଚିତ । ଦେଶ ସ୍ୱାଧୀନତା ପୂର୍ବରୁ ସ୍ଥାପିତ ଭାରତମାତା ମନ୍ଦିର ଅନେକ ସମସ୍ୟା ମଧ୍ୟରେ ଗତି କରୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

# ଜାତୀୟ ବାଳିକା ଦିବସ ପାଳନ

ନୂଆପଡା,୨୫/୧ (ନି.ପ୍ର): ସଦର ନୂଆପଡା ବ୍ଲକ ଜୋଙ୍କ ଥାନା ଅନ୍ତର୍ଗତ ବୋଇରଭାଡି ଗ୍ରାମରେ ଜାତୀୟ ବାଳିକା ଶିଶୁ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କୋଭିଡ କଟକଣା ମାଧ୍ୟମରେ ମାକ୍ସ ବ୍ୟବହାର ସାମାଜିକ ଦୂରତା ମାଧ୍ୟମରେ ବାଳିକାମାନଙ୍କ ମଧ୍ୟରେ ନାଚ ଗୀତ ପ୍ରତିଯୋଗିତା କରାଯିବ ସହ ଲିଙ୍ଗଗତ ଭେଦ ଭାବ , କୈଶୋର ଅବସ୍ଥାରେ ପରିବର୍ତନ , ଋତୁସ୍ରାବ ସ୍ୱାସ୍ଥ୍ୟ ସ୍ୱଚ୍ଛତା , ବାଲ୍ୟବିବାହ ଯୌନ ଅପରାଧ ଉପରେ ଜୀବନ କୌଶଳ ଶିକ୍ଷା ଚାଇଲଡଲାଇନର କାଉନସ୍ଲେର ହୋସନା ଅଖତାରୀ , ସଦସ୍ୟ ମନସ୍ୱିନୀ ସାହୁ ତାଲିମ ପ୍ରଦାନ କରିଥିବା ବେଳେ, ଜୋଙ୍କ ଥାନାର ସବଇନ୍ସପେକ୍ଟର ଭାରତୀ ନାଏକ ସମାଜର ଚଳଣି ଯୌନ ଅପରାଧ ଆଇନ ବାଲ୍ୟ ବିବାହ ଆଇନ ମହିଳାମାନଙ୍କ ପାଇଁ ଆଇନ କଣ କଣ ଅଛି ସେ ବିଷୟରେ ଶିକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚାଇଲଲାଇନର ସଂଯୋଜକ ମୁକେଶ କୁମାର ଯୋଶୀ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଉଗେଶ୍ରୀ ସାହୁ , ପ୍ରଭାସିନୀ ଗଇନ୍ତା ଧନମତି ମାଝୀ ଓ ଆଶା ଚନ୍ଦ୍ରାବତି ତାଣ୍ଡି ସହଯୋଗ କରିଥିଲେ ।

# ରାଜନୀତିର ମଇଦାନରେ ରୀନା ସ୍ୱାଇଁ

ବାସୁଦେବପୁର,୨୫/୧ (ନି.ପ୍ର): ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ରୀନା ସ୍ୱାଇଁ ଚଳିତ ନିର୍ବାଚନରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ନୂଆଗାଁ ପଂଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ଛିଡା ହେବା ସହିତ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ତାଙ୍କର ଜନ୍ମ ବାସୁଦେବପୁର ବ୍ଲକର ନୂଆଗାଁ ପଂଚାୟତରେ । ଖୁବ ଉଚ୍ଚ ଶିକ୍ଷିତା ପ୍ରାର୍ଥୀ ରୀନା ତାଙ୍କର ମଧୁର ବ୍ୟବହାର ରେ ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ ଆକୃଷ୍ଟ କରିପାରୁଛନ୍ତି । ଓଡ଼ିଶା ସରକାରଙ୍କର ଅନ୍ୟାୟ ଓ ଦୁର୍ନୀତି ଅଧିକ ପରିମାଣ ରେ ବୃଦ୍ଧି ପାଇଛି । ପ୍ରତ୍ୟେକ ଜିନିଷପତ୍ର ର ଦରଦାମ ବଢ଼ିଗଲାଣି । କଂଗ୍ରେସ ଦଳ କ୍ଷମତା କୁ ଆସିଲେ ନିଶ୍ଚିତ ଲୋକଙ୍କ ପାଇଁ ଦରଦାମ କମିବ ଓ ଆମେ ଠିକ ଭାବେ ଜନସାଧାରଣ ଙ୍କ ସେବା କରି ପାରିବୁ ବୋଲି ଶ୍ରୀମତୀ ରୀନା ସ୍ୱାଇଁ ଗଣ ମାଧ୍ୟମ ସାମ୍ନା ରେ ପ୍ରକାଶ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ ମଧ ନିର୍ବାଚନ ପ୍ରଚାର ରେ ମୁଖ୍ୟ ଭୂମିକା ନେଉଛନ୍ତି । ରୀନାଙ୍କ ସ୍ୱାମୀ ନରେନ୍ଦ୍ର ପ୍ରସାଦ ସ୍ୱାଇଁ ଘରକୁ ଘର ବୁଲି ମଧ ନିର୍ବାଚନ ପ୍ରଚାରରେ ସହଯୋଗ କରିଥିଲେ ।



ବାସୁଦେବପୁରରେ କଂଗ୍ରେସ ଦଳ ନିଶ୍ଚିତ ଭଲ ଫଳ ପାଇବ ଓ ବାସୁଦେବପୁର ପଂଚାୟତ ସମିତି ଆମେ ଦଖଲ କରିବୁ ବୋଲି ରୀନା ଦୃଢ ମତ ରଖିଛନ୍ତି ।

# ବିନା ପ୍ରତିଦ୍ୱନ୍ଦିତାରେ ନୟାଗଡ ସରପଂଚ ଓ ଝୁମ୍ପୁରା ମୁଖ୍ୟାଳୟ ପଂଚାୟତ ସମିତି ସଭ୍ୟ ମନୋନୀତ

କେନ୍ଦୁଝର,୨୫/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ନୟାଗଡ ପଂଚାୟତର ସରପଂଚ ଚଳିତ ତ୍ରିସ୍ତରୀୟ ପଂଚାୟତରେ ନିର୍ବାଚନରେ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବା ଜଣାଯାଇଛି । ନୟାଗଡ ପଂଚାୟତ ଏକ ଆଦିବାସୀ ବହୁଳ ପଂଚାୟତ ହୋଇଥିବାରୁ ଏହି ପଂଚାୟତର ସମସ୍ତ ଗ୍ରାମର ମୁଖିଆ ମାନେ ଚିନ୍ତା କଲେ ଚଳିତ ନିର୍ବାଚନରେ ପଂଚାୟତର ବିକାଶ କରିବା ପାଇଁ ହେଲେ ଜଣେ ଦକ୍ଷ ତଥା ଉଚ୍ଚ ଶିକ୍ଷିତ ଯୁବକକୁ ସରପଂଚଞ୍ଚକଲେ ପଂଚାୟତର ବିକାଶ ହୋଇପାରିବ । ଏହି ପଂଚାୟତର ଯୁବକ ସୁରେଶ କୁମାର କାଣ୍ଡିକୁ ପଂଚାୟତବାସୀ ଚଳିତ ଥର ସରପଂଚ କରିବା ପାଇଁ ସ୍ଥିର କରିଛନ୍ତି । ସୁରେଶ କୁମାର କାଣ୍ଡି ନିଜର ସମର୍ଥକ ଏବଂ ପ୍ରସ୍ତାବକ ମାନଙ୍କୁ ନେଇ ନୟାଗଡ ପଂଚାୟତ ପାଇଁ ନିଯୁକ୍ତି ହୋଇଥିବା ନିର୍ବାଚନ ଅଧିକାରୀଙ୍କ ପାଖରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ । ଶନିବାର ଦିନ ପ୍ରାର୍ଥୀ ମାନଙ୍କ ସମସ୍ତ କାଗଜ ପତ୍ର ଯାଂଚ ହୋଇଥିଲା । ସୁରେଶ କୁମାର କାଣ୍ଡିଙ୍କ ପ୍ରାର୍ଥୀ କାଏମ ରହିଥିବା ଜଣାଯାଇଛି । ଅନୁରୁପ ଭାବେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଝୁମ୍ପୁରା ବ୍ଲକର ୨୨ ଗୋଟି ପଂଚାୟତରେ ପଂଚାୟତ ସମିତି ନିମନ୍ତେ କେଉଁଠି ତ୍ରିମୁଖି ତ କେଉଁଠି ବହୁମୁଖି ପ୍ରାର୍ଥୀ ମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଝୁମ୍ପୁରା ମୁଖ୍ୟାଳୟ ପଂଚାୟତରେ କିନ୍ତୁ ତ୍ରିମୁଖି କିମ୍ବା ବହୁମୁଖି ଲଢେଇ ନ ହୋଇ ବିନା ପ୍ରତିଦ୍ୱନ୍ଦିତାରେ ସମିତି ସଭ୍ୟ ଭାବେ ମନୋନୀତ ହୋଇଥିବା ଦେଖିବାକୁ ମିଳିଛି । ଝୁମ୍ପୁରା ସମିତି ସଭ୍ୟ ଭାବେ କୁଞ୍ଜବିହାରୀ ନାଏକ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶ୍ରୀ ନାଏକଙ୍କ ବିରୋଧରେ ପଂଚାୟତର ଅନ୍ୟ କୌଣସି ଗ୍ରାମର କୌଣସି ବ୍ୟକ୍ତି ସମିତି ସଭ୍ୟ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିନଥିଲେ । ଶନିବାର ଦିନ ବ୍ଲକ ପରିସର ମଧ୍ୟରେ ସମିତି ସଭ୍ୟ ମାନଙ୍କ ନାମାଙ୍କନପତ୍ର ଗୁଡିକ ଦାୟିତ୍ୱରେ ରହିଥିବା ଅଧିକାରୀ ମାନେ ଯାଂଚ୍ କରିଥିଲେ । ଝୁମ୍ପୁରା ସମିତି ସଭ୍ୟ ନିମନ୍ତେ କୁଞ୍ଜବିହାରୀ ନାଏକଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜଣାଯାଇଛି । ଝୁମ୍ପୁରା ପଂଚାୟତରୁ ସମିତି ସଭ୍ୟ ଭାବେ ପୂର୍ବରୁ କୁଞ୍ଜବିହାରୀ ନାଏକ ୨୦୧୨ ରେ ନିର୍ବାଚିତ ହୋଇ ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିବାରୁ ପଂଚାୟତବାସୀ ପୁଣିଥରେ ତାଙ୍କ ଠାରୁ ପଂଚାୟତର ବିକାଶ କିପରି ହେବ ସେ ଆଶା ରଖିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରତିଭା ବନାମ ସଂରକ୍ଷଣ...

ସବୁ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ପ୍ରଦାନ କରୁଥିବା ଏକ ପରୀକ୍ଷା ସମାଜରୁ ଅସମାନତାକୁ ଦୂର କରିବା ନିମନ୍ତେ ଯଥେଷ୍ଟ ନୁହେଁ- ଏୟା ହିଁ ସୂଚାଇ ଦେବାକୁ ଚାହିଁଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ନିକଟରେ। ପୁଣିଥରେ କୋର୍ଟ ସମାଧାନ କରିବାକୁ ଉଦ୍ୟମ କରିଛନ୍ତି 'ପ୍ରତିଭା ବନାମ ସଂରକ୍ଷଣ' ବିତର୍କର ଯାହା ବର୍ଷ ବର୍ଷ ଧରି ଜନସାଧାରଣ ଓ ବିଚାର ବିଭାଗକୁ ସମ୍ପୃକ୍ତ ରଖି ଆସିଛି। ଡାକ୍ତରୀ ଏବଂ ଦନ୍ତ ଚିକିତ୍ସା ବିଭାଗର ଅଣ୍ଡର-ଗ୍ରାଜୁଏଟ୍ ଏବଂ ପୋଷ୍ଟ-ଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ସର୍ବଭାରତୀୟ ସ୍ଥାନ ସଂରକ୍ଷଣ ବା କୋଟା (ଏଆଇକ୍ୟୁ)ରେ ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି ସପକ୍ଷରେ କୋର୍ଟ ରାୟ ପ୍ରଦାନ କରିଥିବାବେଳେ ଏଇ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଏହି ଦ୍ୱିଧା ସମ୍ପ୍ରତି ନିରର୍ଥକ ହୋଇଯାଇଛି। ପରୀକ୍ଷାରେ ଦକ୍ଷତା ପ୍ରଦର୍ଶନ ସାମ୍ପ୍ରତିକ ପ୍ରତିଭାକୁ ସୂଚାଇପାରେ କିନ୍ତୁ ଜଣେ ପ୍ରାର୍ଥୀର ପ୍ରକୃତ ପ୍ରତିଭାକୁ ନୁହେଁ ବୋଲି କୋର୍ଟ କହିଛନ୍ତି। ଲୌକିକ ଏବଂ ମୌଳିକ ସମାନତା ମଧ୍ୟରେ ଏହି ପାର୍ଥକ୍ୟ ଥିଲା କୋର୍ଟଙ୍କ ଆଲୋଚନାର ପ୍ରଥମ ପଦକ୍ଷେପ। ପରୀକ୍ଷାଗୁଡ଼ିକ ଯଦିଓ ଶୈକ୍ଷିକ ସମ୍ବଳଗୁଡ଼ିକୁ ଆବଣ୍ଟିତ କରିବାର ଏକ ଉପଯୋଗୀ ପ୍ରଣାଳୀ, ନିମ୍ନ ବର୍ଗର ପ୍ରାର୍ଥୀମାନଙ୍କ ଦ୍ୱାରା ଶିକ୍ଷାକୁ ଉପଲବ୍ଧ କରିବାରେ ରହିଥିବା ଅସୁବିଧାଗୁଡ଼ିକ ଏହି ବର୍ଗଙ୍କୁ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାରୁ ବଂଚିତ କରିଥାଏ। ପରୀକ୍ଷାଗୁଡ଼ିକ ଯାହା ପ୍ରଦାନ କରିଥାଏ, ତାହା ହେଉଛି କେବଳ ଲୌକିକ ସମାନତା, ଯେତେବେଳେ କି ସଂରକ୍ଷଣର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସମାଜରେ ମୌଳିକ ସମାନତା ପ୍ରତିଷ୍ଠା କରିବା। କୋର୍ଟଙ୍କ ରାୟ ଅନୁସାରେ ସମ୍ବିଧାନ ଏହି ମୌଳିକ ସମାନତା କଥାକୁ ହିଁ ଦୃଷ୍ଟିରେ ରଖିଥିଲା, କାରଣ ଯଥାକ୍ରମେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ବିବେଚନା କରି ଦେଖିଲେ ଅନୁଚ୍ଛେଦ ୧୫(୪) ଏବଂ ୧୫(୫) ଅନୁଚ୍ଛେଦ ୧୫ (୧) ବିରୋଧାଚରଣ କରୁନାହିଁ, ଯାହା ଲିଙ୍ଗ, ଜାତି, ଧର୍ମ ଇତ୍ୟାଦି ଆଧାରରେ ପକ୍ଷପାତକୁ ବାରଣ କରିଛି।

ଉପରୋକ୍ତ ଆଲୋଚନାରୁ ମନେହୁଏ ଯେ ଚୟନ ବ୍ୟବସ୍ଥାରେ ସଂରକ୍ଷରଗୁଡ଼ିକ ପକ୍ଷପାତିତାକୁ ନିହିତାର୍ଥ ଏବଂ ତଦ୍ୱାରା ଅଦୃଶ୍ୟ ଭାବରେ ଉଚ୍ଛେଦ କରିବାରେ ସାହାଯ୍ୟ କରିଛି। ପରୀକ୍ଷାଗୁଡ଼ିକ ମେଧା ଶକ୍ତିକୁ ପୁରସ୍କୃତ କରିଥାନ୍ତି, ଯାହା ଭଲ ପ୍ରଦର୍ଶନ କରିବା ନିମନ୍ତେ ଆବଶ୍ୟକ ହେଉଥିବା କଠିନ ପରିଶ୍ରମ ସତ୍ତ୍ୱେ ଏକ ବ୍ୟକ୍ତିଗତ ସଫଳତା ହୋଇ ନଥାଏ। ସମାଜରେ କେତେକ ଶ୍ରେଣୀ କେବଳ ଯେ ଉତ୍ତମ ସ୍କୁଲ ଶିକ୍ଷା, ପଠନ ଉପକରଣ, ପ୍ରଶିକ୍ଷଣ ଏବଂ ସ୍ଥାନ ପାଇଥାନ୍ତି, ତା'ନୁହେଁ, ବରଂ ସେମାନେ ସେମାନଙ୍କର ପାରିବାରିକ ପରିବେଶ ଏବଂ ଗୋଷ୍ଠୀଗତ ସଂଯୋଗ ଯାହା ସେମାନଙ୍କୁ ସୂଚନାର ଆବଂଟନ କରିବାକୁ ସୁଯୋଗ ପ୍ରଦାନ କରିଥାଏ, ଯୋଗୁଁ ସାଂସ୍କୃତିକ ପାଣ୍ଠିର ଉତ୍ତରାଧିକାରୀ ହୋଇଥାନ୍ତି। ଏସବୁ ମିଶି ପରୀକ୍ଷାରେ ପ୍ରତିଭା ପ୍ରଦର୍ଶନ କରିବାକୁ ସୁଯୋଗ ପ୍ରଦାନ କରିଥାଏ, ଯାହାର ପରିଣତି ଏହିଭଳି ଭାବରେ ଅସମାନତାକୁ ଅଧିକ ଗଭୀର କରି ଦେଇଥାଏ। ସମାଜରେ ସମାନତା ପ୍ରତିଷ୍ଠା କରିବାକୁ ହେଲେ ଏଭଳି ଲୌକିକ ସମାନତା ପର୍ଯ୍ୟାପ୍ତ ନୁହେଁ। ଆପାତତଃ ସମାନ ସୁଯୋଗ ପ୍ରଦାନ କରୁଥିବା ଏକ ପରୀକ୍ଷାରେ ପ୍ରତିଯୋଗିତା କରିବା ନିମନ୍ତେ ସୁବିଧା ସୁଯୋଗରୁ ବଂଚିତ ପରିଚିହ୍ନିତ ଗୋଷ୍ଠୀଗୁଡ଼ିକର ପ୍ରାର୍ଥୀମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ସେମାନଙ୍କର ପ୍ରତିଭା ବା ସାମର୍ଥ୍ୟକୁ କେବଳ ପରୀକ୍ଷା ଦ୍ୱାରା ମୂଲ୍ୟାୟନ କରାଯାଇପାରିବ ନାହିଁ; ଉପେକ୍ଷାକରଣରୁ ଉର୍ଦ୍ଧ୍ୱକୁ ଉଠିବା ନିମନ୍ତେ ସେମାନେ ସେମାନଙ୍କ ପରିସ୍ଥିତି ସହିତ ଖାପ ଖୁଆଇ କରୁଥିବା ସଂଘର୍ଷ ଓ ଦୃଢ଼ ନିର୍ଣ୍ଣୟ ସେମାନଙ୍କ ସାମର୍ଥ୍ୟର ମଧ୍ୟ ଅଂଶବିଶେଷ। ଏହି ସୁଯୋଗ ସଂରକ୍ଷଣ ଦ୍ୱାରା ପ୍ରଦାନ କରାଯାଇପାରିବ, ଯାହା ମୌଳିକ ସମାନତା ପାଇଁ ପଥ ଉନ୍ମୋଚନ କରିଥାଏ। ଏଆଇକ୍ୟୁରେ ଓବିସିମାନଙ୍କ ନିମନ୍ତେ ୨୭ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ଏଇମାତ୍ର ୨୦୨୧ରେ ପ୍ରଚଳନ କରାଯାଇଥିଲା। ସମଗ୍ର ଦେଶରେ ସବୁ କଲେଜରେ ଡାକ୍ତରୀ ଶିକ୍ଷାକୁ ଉପଲବ୍ଧ କରିବାପାଇଁ ଏଆଇକ୍ୟୁକୁ ଏକ ବାସିନ୍ଦା-ମୁକ୍ତ କୋଟା ଭାବରେ ୧୯୮୬ରୁ ଲାଗୁ କରାଯାଇ ଆସୁଛି। ଏହା ଏକ କେନ୍ଦ୍ରୀୟ ଭଣ୍ଡାର ଜରିଆରେ ନାମଲେଖା ନିମନ୍ତେ ଅଣ୍ଡର-ଗ୍ରାଜୁଏଟ୍ ଏବଂ ଡେଣ୍ଟାଲ ଆସନର ୧୫ ପ୍ରତିଶତ ଏବଂ ରାଜ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ପୋଷ୍ଟ-ଗ୍ରାଜୁଏଟ୍ ଆସନର ୫୦ ପ୍ରତିଶତକୁ ନେଇ ଗଠିତ।

## ଆମ ଗଣତନ୍ତ୍ରର ଭବିଷ୍ୟତ



ରମେଶ ଚନ୍ଦ୍ର ନାୟକ

ବିଶ୍ୱରେ ବିଶାଳ ଗଣତନ୍ତ୍ରର ଦେଶ ହିଁ ଭାରତବର୍ଷ। ବିଭିନ୍ନ ଭାଷା, ଧର୍ମ, ସଂସ୍କୃତିର ମିଳନ ପୀଠ ଭାରତ। ବହୁ ବୈସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ, ଅନେକ ମଧ୍ୟରେ ଐକ୍ୟ ଏହାର ଆଦର୍ଶ। ରୁଚି, ଆଚାର, ଚାଲିଚଳନ, ପୋଷାକ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନତା ରହିଥିଲେ ହେଁ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ଯାହା ବାନ୍ଧି ରଖି ପାରିଛି ତାହା ହେଉଛି ଭାରତବର୍ଷର ଭାତୃଭାବ ଓ ମହାନ୍ ପରମ୍ପରା। ସମୟକ୍ରମେ ବୈଦେଶିକ ଆକ୍ରମଣରେ ଦେଶ ଖଣ୍ଡବିଖଣ୍ଡିତ ହୋଇଛି। ତା'ର ଐତିହ୍ୟ ଓ ସଂସ୍କୃତିକୁ ପରିବର୍ତ୍ତନ କରିବା ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଦିକ ଓ ତପୋବନର ଆଦର୍ଶକୁ ଭୂଲୁଣ୍ଠିତ କରିବାର ପ୍ରୟାସ ହୋଇଛି, ମାତ୍ର ଭାରତର ମହାନୁଭବତା ନିକଟରେ ସବୁକିଛି ପରାଜୟ ସ୍ୱୀକାର କରିଛି। ଆଫଗାନ, ମୋଗଲ, ଇଂରେଜ-- ପ୍ରତ୍ୟେକ ଚାହିଁଛନ୍ତି ଏହାର ପରମ୍ପରା ଓ ସଂସ୍କୃତିକୁ ବିପଥଗାମୀ କରିବାକୁ। ସର୍ବଶେଷରେ ଭାରତୀୟମାନଙ୍କର ଦୁର୍ବଳତା ଓ ସଂକୀର୍ଣ୍ଣ ସ୍ୱାର୍ଥର ସୁଯୋଗ ନେଇ ଇଂରେଜ ଜାତି ଭାରତକୁ ଖଣ୍ଡବିଖଣ୍ଡିତ କରିଛନ୍ତି। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ ପରେ ଖଣ୍ଡିତ ଭାରତ ପରିଣତ ହେଲା ବିଶାଳ ଗଣତନ୍ତ୍ର ରାଷ୍ଟ୍ରରେ, ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ। ମାତ୍ର ଭାରତର ସାମ୍ପ୍ରତିକ ଅବସ୍ଥା ପ୍ରତି ଦୃଷ୍ଟିଦେଲେ କ୍ଷୋଭ ଓ ଅନୁଶୋଚନାରେ ମଥାନତ ହୋଇଯାଏ। ପ୍ରଶ୍ନ ଉଠେ, ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆମେ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିପାରୁଛେ କି ? ଆମେ ବାସ୍ତବରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବସବାସ କରୁଛେ କି ? ଏହି ବିଶାଳ ଗଣତନ୍ତ୍ର ରାଷ୍ଟ୍ରର ଭବିଷ୍ୟତ କ'ଣ ହେବ, ସେ ସମ୍ପର୍କରେ ଆମେ ସାମାନ୍ୟ ମାତ୍ର ସଚେତନ କି? ବହୁ ସନ୍ଦେହର କୁହେଳିକା ମଧ୍ୟରେ ଭାରତବର୍ଷର ଗଣତନ୍ତ୍ର ବର୍ତ୍ତମାନ ବିପନ୍ନ ଅବସ୍ଥାରେ। ଏଥିପାଇଁ କିଏ ଦାୟୀ-- ତାହା ବଡ଼ ପ୍ରଶ୍ନ ନୁହେଁ, ମାତ୍ର ସେହି ଗଣତନ୍ତ୍ରର କିପରି ସୁରକ୍ଷା କରାଯାଇପାରିବ, ତାହାହିଁ ଆମ ନିକଟରେ ଆଜି ସବୁଠାରୁ ବଡ଼ ସମସ୍ୟା।

ସାମ୍ପ୍ରତିକ କାଳରେ ଶକ୍ତିଶାଳୀ ବିରୋଧୀଦଳର ଅଭାବ, ଆଞ୍ଚଳିକ ଦଳର ଅଭ୍ୟୁଦୟ, ଦଙ୍ଗା, ଅର୍ଥଶକ୍ତି, ରାଜନୈତିକ ଦୃଷ୍ଟିଭଙ୍ଗୀର ଅଭାବ ଓ ଅପରାଧୀ ବ୍ୟକ୍ତିଙ୍କର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ, ସର୍ବୋପରି ଶୋଷଣ ଏବଂ ଦୁର୍ନୀତି ଭାରତୀୟ ଗଣତନ୍ତ୍ରକୁ ବିପର୍ଯ୍ୟସ୍ତ କରିଦେଇଛି। ସେହି କାରଣରୁ ଏହାର ଭବିଷ୍ୟତ ସଂଶୟାଚ୍ଛନ୍ନ ହୋଇପଡ଼ିବା ସଙ୍ଗେ ସଙ୍ଗେ 'ଗଣ'ର ସ୍ୱାର୍ଥ ଅପେକ୍ଷା 'ଜଣ'ର ସ୍ୱାର୍ଥ ଅଧିକ ଗୁରୁତ୍ୱ ଲାଭ କରିଛି। ଅତୀତରେ ଭାରତୀୟ ସାମାଜିକ ବ୍ୟବସ୍ଥା ମୁଖ୍ୟତଃ ଭାତୃତ୍ୱ ଓ ସୌହାର୍ଦ୍ଦ୍ୟ ଉପରେ ପ୍ରତିଷ୍ଠିତ ଥିଲା। ବର୍ତ୍ତମାନ ଏହି ଶବ୍ଦଗୁଡିକ କେବଳ ଅଭିଧାନର କଳେବର ମଣ୍ଡନ କରିଛି। ନାରୀମାନଙ୍କ ପ୍ରତି ଭୋଗବାଦୀ ଦୃଷ୍ଟିଭଙ୍ଗୀ, ଧର୍ଷଣ, ଦୁର୍ନୀତି ଆଦି ସମାଜକୁ କଳୁଷିତ କରୁଛି।ନୈତିକତାର ଅଭାବ ଯୋଗୁଁ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ସମାଜରେ ପ୍ରତିଷ୍ଠା ଅର୍ଜନ କରୁଛନ୍ତି। ରାଜନୈତିକ ପ୍ରୋତ୍ସାହନ ଯୋଗୁଁ ଦିନକୁ ଦିନ ଏମାନେ ସମାଜର ସମସ୍ତ ନୀତି ନିୟମକୁ ପଦାଘାତ କରିଚାଲିଛନ୍ତି। ଭଣ୍ଡାମି, ଗୁଣ୍ଡାମି, ଅତ୍ୟାଚାର ଓ ଶୋଷଣ ସାମାଜିକ ବିଧି ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ମାତ୍ର ସାମ୍ପ୍ରତିକ ଭାରତର ଗଣତନ୍ତ୍ରର ପୋଷାକ ତଳେ ରାଜତନ୍ତ୍ରର ଆଧିପତ୍ୟ ଚାଲିଛି। ସାମାଜିକ ଜୀବନର ଚଳଚଞ୍ଚଳତାର ଅବସାନ ଘଟିଥିବାରୁ ସ୍ଥାଣୁତ୍ୱର ରାଜତ୍ୱ ଆରମ୍ଭ ହୋଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏପରି ସ୍ଥିତି ଆଦୌ ଶୁଭପ୍ରଦ ନୁହେଁ। ଅତୀତରେ ରାଜନୀତିକ ନେତାଗଣ ଆଦର୍ଶ ପାଇଁ ନିର୍ବାଚନ ଲଢୁଥିଲେ। ବର୍ତ୍ତମାନ ବ୍ୟକ୍ତିଗତ ସ୍ୱାର୍ଥ ବା ଦଳୀୟ ସ୍ୱାର୍ଥ ପାଇଁ ନେତାଗଣ ନିର୍ବାଚନ ଲଢୁଛନ୍ତି। ଆଦର୍ଶ ଓ ନୈତିକତା ରାଜନୀତିରୁ ଅନ୍ତର୍ହିତ ହୋଇଯାଇଛି। ବ୍ୟକ୍ତି ସ୍ୱାର୍ଥ ଓ କ୍ଷମତାର ମୋହ ଅଧିକ ଉଗ୍ର ହୋଇଉଠିଛି। ଭାରତ ଏକ ସଭ୍ୟ ଓ ସଂସ୍କୃତିସମ୍ପନ୍ନ ଦେଶ। ଅନ୍ୟ ଦେଶରେ ଏହାର ଗୋଟିଏ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସମ୍ମାନ ରହିଛି। ମାତ୍ର ଆଜିର କଳୁଷିତ ରାଜନୀତି ତା'ର ସମସ୍ତ ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରୁଛି। ଏ କ୍ଷେତ୍ରରେ ଜନସାଧାରଣ ବିଶେଷ ଭାବରେ ସଚେତନ ହେବା ଆବଶ୍ୟକ। ଆମର ନୈତିକ ମୂଲ୍ୟବୋଧରେ ପରିବର୍ତ୍ତନ ଏହି ଗଣତନ୍ତ୍ରର ପୁନରାୟ ଅନ୍ୟ କିଛିରେ ପରିବର୍ତ୍ତନ ହୋଇଯିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ। ଭାରତୀତାର ମର୍ଯ୍ୟାଦା ନେଇ ବଞ୍ଚିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସମ୍ମାନର ବିଷୟ। ତେଣୁ ଏ ଦେଶର ରାଜନୈତିକ ଦଳ ତଥା ବ୍ୟକ୍ତିବିଶେଷ ଆଗାମୀ ଦିନରେ ଭାରତର ଗଣତନ୍ତ୍ରର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ନିମନ୍ତେ ଏକ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି କରିପାରିଲେ, ଏହାର ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳମୟ ହେବ। ତ୍ୟାଗ, ତିତିକ୍ଷା ଓ ଆତ୍ମୋତ୍ସର୍ଗ ଦ୍ୱାରା ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ସମସ୍ତ ଭାରତୀୟ ଶପଥ ନେବା ଉଚିତ।


କେଶରପୁର, ବକ୍ସି ବଜାର, କଟକ
ମୋ: ୭୯୭୮୧୫୧୭୧୦.


## ଗଣତନ୍ତ୍ର ଆଜି ବନ୍ଦୀ



ପ୍ରଦୀପ ସେନାପତି

ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ, ମୌଳିକ ଅଧିକାର ଓ ସ୍ୱାଧୀନ ନ୍ୟାୟ ବ୍ୟବସ୍ଥା, ଗଣମାଧ୍ୟମ ଆଜି ଭଳି ଭାରତୀୟ ସମ୍ବିଧାନର ମୌଳିକ ଭିତ୍ତିଭୂମି ଉପରେ ବର୍ତ୍ତମାନ ଅତର୍କିତ ଓ ଯୋଜନାବଦ୍ଧ ଆକ୍ରମଣ ଯୋଗୁ ଦେଶର ଗଣତନ୍ତ୍ର ଆଜି ବନ୍ଦୀ ସଦୃଶ ପ୍ରତୀୟମାନ ହେଉଛି।

କୋଭିଡ଼ ଭଳି ବିଶ୍ୱ ମହାମାରୀ ସମୟରେ ସାହାଯ୍ୟ ଭିକ୍ଷା କରୁଥିବା ଲୋକଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହେଉଛି। ମହାମାରୀକୁ ପ୍ରତିହତ କରିବାରେ ସରକାର ବ୍ୟବସ୍ଥା ଓ କର୍ତ୍ତୃପକ୍ଷଙ୍କ ଅସଫଳତା ଆଦିକୁ ପ୍ରଚାର ପ୍ରସାର କରୁଥିବା ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ସଂସ୍ଥା ଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯାଉଛି। ଫଳରେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ବ୍ୟବସ୍ଥାକୁ ଆହୁରି ଦୁର୍ବଳ କରୁଛି। ସାରା ବିଶ୍ୱ ଦରବାରରେ ଭାରତ ଧୀରେ ଧୀରେ ଦୃଷ୍ଟି ଆଢୁଆଳକୁ ଚାଲିଯାଉଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ। ୨୦୨୦ ମସିହା ବିଶ୍ୱ ଶାସନ ବ୍ୟବସ୍ଥା ମାନଙ୍କରେ ୧୨୮ରୁ ଭାରତ ୨୯ତମ ସ୍ଥାନରେ ରହିଛି। ସେହିଭଳି ଭି. ଡେଲ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଗଣତାନ୍ତ୍ରିକ ଉଦାରତା ସିଦ୍ଧାନ୍ତ ମାନଙ୍କରେ ଭାରତ ୨୦୨୦ ମସିହାରେ ୦.୫୭ ପଏଣ୍ଟରୁ ଖସି ୦.୩୪ ପଏଣ୍ଟରେ ପହଞ୍ଚିଛି ଯାହାକି ଏହି ମାନଙ୍କରେ ସର୍ବାଧିକ ହ୍ରାସ। 'ଦ୍ରି ଫ୍ରିଡ଼ମ ଅଫ ହାଉସ ରିପୋର୍ଟ-୨୦୨୧'ରେ ଏହିସବୁ କାରଣ ଯୋଗୁଁ ଭାରତ ଆଂଶିକ ଭାବେ ସ୍ୱାଧୀନ ବୋଲି ଦର୍ଶାଯାଇଛି। ୨୦୨୦ ମସିହା ଦି ହ୍ୟୁମାନ ଫ୍ରିଡ଼ମ ଇଣ୍ଡେକ୍ସରେ ଭାରତ ୧୬୨ରୁ ୧୧୧ତମ ସ୍ଥାନରେ ରହିଛି। ସେହିଭଳି ୱାଲର୍ଡ଼ ପ୍ରେସ୍ ଫ୍ରିଡମ (World Press Freedom)୨୦୨୧ରେ ଭାରତକୁ ୧୮୦ରୁ ୧୪୨ତମ ସ୍ଥାନରେ ରହିଛି।

ମହାମାରୀ ସମୟରେ ଜଣେ ଲୋକ ନିଜ ଜେଜେବାପାଙ୍କ ପାଇଁ ଅମ୍ଳଜାନ ଆବଶ୍ୟକ ଥିବା ଟୁଇଟ କରିବା ଯୋଗୁଁ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହେବା କେତେଦୂର ସମିଚୀନ? ହାଥରସ୍‌ରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପ୍ରତିବାଦ କରି ଅନ୍ଦୋଳନ କରିଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୨ଜଣଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି। କାଶ୍ମୀରରେ ୨୧୩ଦିନ ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖିବା ଏବଂ ସରକାରୀ ବିଧି ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ବିଭିନ୍ନ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟଗୁଡ଼ିକ ପାଇଁ ୫୨ଟି ନୋଟିସ୍ ଜାରି କରାଯାଇଛି, ଯାହାକି ଆଦୌ ଠିକ୍ ନୁହେଁ। ଏହି ସମସ୍ତ ପ୍ରୟାସ କେବଳ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଛଡ଼ା ଆଉ କିଛି ନୁହେଁ ବୋଲି ମୋର ମତ।

ସେହିପରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟ ବ୍ୟବସ୍ଥାକୁ ପ୍ରଥମେ ସଜାଡ଼ିବାକୁ ପଡ଼ିବ। କେତେକ କ୍ଷେତ୍ରରେ ବିଚାରପତି ମାନଙ୍କ ନିଯୁକ୍ତି ମାସ ମାସ ଏବଂ ବର୍ଷ ବର୍ଷ ଧରି ପଡ଼ିରହିଛି। ଏହା ହେଉଛି ସ୍ୱଚ୍ଛ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ? ଅଧିକନ୍ତୁ, ନ୍ୟାୟ ବ୍ୟବସ୍ଥାର ସ୍ୱତନ୍ତ୍ରତାକୁ ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ବାସ୍ତବରେ ଆମେ ସମସ୍ତେ ଚିନ୍ତା କରିବା ଦରକାର, ଆମେ କ'ଣ ସତରେ ଠିକ୍ କାମ କରୁଛୁ? ଆମେ କ'ଣ ସତରେ ନ୍ୟାୟ ବ୍ୟବସ୍ଥାକୁ ଉଦ୍ଧାର କରିପାରିବା? ସତରେ କ'ଣ ଗଣମାଧ୍ୟମ ଆଜି ସ୍ୱାଧୀନ ନା ବିପନ୍ନ? ଏହି ପ୍ରଶ୍ନର ଉତ୍ତର ମୁଁ ଭାରତୀୟଙ୍କ ଉପରେ ଛାଡୁଛି।

ଆଜି ଏହି ପବିତ୍ର ଦିବସରେ ଆମ ସମ୍ମୁଖରେ ଠିଆ ହୋଇଛି ଏକ ବିରାଟ ଆହ୍ୱାନ। ଏକ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ଭାରତ ସମ୍ମୁଖୀନ ହେବ, ଏହା ମୋର ଭବିଷ୍ୟବାଣୀ ଅଟେ। ତାହା ପୁଣି ଆମର ଭାରତମାତା ପାଇଁ। ଆମର ନିରୀହ, ଶାନ୍ତିପ୍ରିୟ ଜନସାଧାରଣ ପଡ଼ୋଶୀ ଦେଶମାନଙ୍କ ସହିତ ରକ୍ତର ବନ୍ଧୁ ବୋଲି ବିବେଚନା କରୁଥିବା ବେଳେ, ସେମାନେ ଶତ୍ରୁମୁଖା ହୋଇ ରକ୍ତର ହୋଲି ଖେଳିବାକୁ ଭଲ ପାଆନ୍ତି, ସେଥିପାଇଁ ଆମକୁ ସଦାସର୍ବଦା ସଜାଗ ରହିବା ପାଇଁ। ଅଯଥା ବଜେଟ ଖର୍ଚ୍ଚ କରିବାକୁ ପଡୁଛି ଆମର ପ୍ରତିରକ୍ଷା କ୍ଷେତ୍ରରେ। ତେବେ ଆମର ବାସ୍ତବତାର ସ୍ୱପ୍ନ ନିଶ୍ଚିତ ରୂପେ ସାକାର କରିବାକୁ ପଡ଼ିବ ଯେ, ଅଖଣ୍ଡ ଭାରତବର୍ଷ ଆମର ସ୍ୱପ୍ନ। ପାକିସ୍ତାନ ନୁହେଁ, ଚାଇନା ଆମର ଶତ୍ରୁ। ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ପାଇଁ ଆମକୁ ପୃଥିବୀର ସାମରିକ ଇତିହାସରେ ନମ୍ବରଓ୍ୱାନ ହେବାକୁ ପଡ଼ିବ ବୋଲି ଏହା ହିଁ ହେବ ଆଜିର ସଂକଳ୍ପ। ଆମର ମାତୃଭୂମି, ମାଆ, ମାଟିକୁ ଗୋଟେପଟେ ପାକିସ୍ତାନ ଦଖଲ କରି ରଖିଥିବା ବେଳେ ଅନ୍ୟପଟେ ଚାଇନା ମଧ୍ୟ ଦଖଲ କରି ଆହୁରି ଆମକୁ ନାଲିଆଖି ଦେଖାଉଛି। ଆମେ ନିରୀହ ବୋଲି ଏହା ଆମର କଣ ଦୁର୍ବଳତା? ଏହାର ସୁଯୋଗରେ, ସେମାନଙ୍କ ଦଖଲରେ ଥିବା ଆମର ପୂର୍ବପୁରୁଷଙ୍କ ପୈତୃକ ସମ୍ପତ୍ତିକୁ କେତେ ଶୀଘ୍ର ଉଦ୍ଧାର କରିପାରିବା ତାହାହିଁ ହେବ ଆଜିର ଦିବସର ପ୍ରତବଦ୍ଧତା।

ଆଜିର ଗଣତନ୍ତ୍ର ଦିବସରେ ସ୍ମରଣ କରିବା ପାଇଁ ଆଜି ଆମେ ବଧ ହେଉଛେ ଯେ, ପ୍ରକୃତପକ୍ଷେ, ଗତଙ୍କ ସମସ୍ୟା ଘୁଞ୍ଚିବ କେବେ? ଦେଶ ସ୍ୱାଧୀନ ହୋଇଛି ଏହା ସତ୍ୟ, ହେଲେ ସ୍ୱାଧୀନ ହୋଇନି ଅନେକ ଗାଁ ଯେଉଁଠି ମଣିଷର ମୌଳିକ ଅଧିକାର ପ୍ରାପ୍ତ ହୁଏ ତାହା ହିଁ ସ୍ୱାଧୀନତା। ସ୍ୱାଧୀନତାର ଅର୍ଥ ଏହା ନୁହେଁ ଯେ, ଅଭାବ, ଅନାଟନ, ଦୁର୍ଦ୍ଦିନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଗଣଙ୍କ ଜୀବନ ବିତାଇବା, ମୁଣ୍ଡ ଗୁଞ୍ଜିବାକୁ ଆବାସଟିଏ ନଥିବା, ପିନ୍ଧିବା ପାଇଁ ବସ୍ତ୍ରର ଅଭାବ ଦେଖାଦେବା, ଉତ୍ତମ ପାନୀୟ ଜଳରୁ ବଞ୍ଚିତ ହେବା, ଯାତାୟତ ପାଇଁ ଭଲ ରାସ୍ତାଟିଏ ନଥିବା ତଥା ଶିକ୍ଷାରୁ ବଞ୍ଚିତ ହେବା, ଚାଷୀ ଆତ୍ମନିର୍ଭରଶୀଳ ନହେବା, ବେରୋଜଗାରୀଙ୍କୁ କର୍ମନିଯୁକ୍ତି ନ ମିଳିବା ଇତ୍ୟାଦି ଅନେକ ସମସ୍ୟା ଭିତରେ ରହି ଅବହେଳିତ ହୋଇଛି ଅନେକ ଅଞ୍ଚଳ। ସରକାରଙ୍କ ଅନେକ ଯୋଜନା ଅଛି, କିନ୍ତୁ ଲୋକଙ୍କ ପାଖରେ ସେ ଯୋଜାନଗୁଡ଼ିକ ପହଞ୍ଚାଇପାରୁ ନାହିଁ। ଯଦି କାର୍ଯ୍ୟକାରୀ ହେଉଛି ତାହା କାଗଜ କଲମରେ କେବଳ ମାତ୍ର। ପ୍ରତ୍ୟକ୍ଷ ଭାବରେ ନୁହେଁ, ନିର୍ବାଚନ ପାଖେଇ ଆସିଲେ ଧୋବ ଫରଫର ବାବୁମାନଙ୍କ ମାଦ ଅପହଞ୍ଚ ଗାଁଆ ଗୁଡ଼ିକରେ ପହଞ୍ଚିଯାଆନ୍ତି। ପ୍ରତିଶ୍ରୁତି ଆଉ ପ୍ରତିଶ୍ରୁତିର ବର୍ଷା। ଅମୁକ କରିଦେବୁ, ସମୁକ କରିଦେବୁ, ନମସ୍କାର ବୁଢୀ ମାଉସୀ, ଭତ୍ତା ମିଳୁଛି କି ନାହିଁ? ମଉସା ତୁମର ଆବାସିକ ଘର ହେଲା କି ନାହିଁ? ଏମିତି ଅନେକ ପ୍ରଶ୍ନରେ ନିରୀହ ମଣିଷକୁ କାବୁ କରିଦିଅନ୍ତି। କଳେବଳେ କୌଶଳେ ଭୋଟକୁ ହାତେଇ ଦିଅନ୍ତି। ନିରୀହ ମଣିଷ ଭୋଟ ଦେଇ ତାଙ୍କୁ ନିର୍ବାଚନରେ ଜିତାଇ ଦିଅନ୍ତି। କିନ୍ତୁ ଭୋଟ ପୂର୍ବରୁ କହିଥିବା ପ୍ରତିଶ୍ରୁତିକୁ ଟିକିଏ ମଧ୍ୟ ମନେ ପକାନ୍ତି ନାହିଁ।ଭୋଟ ପୂର୍ବରୁ ହିଁ ବାବୁଙ୍କ ଦର୍ଶନ ମିଳେ। ମନୁଷ୍ୟ କେତେ ଯେ ମୌଳିକ ଅସୁବିଧାରୁ ସମ୍ମୁଖୀନ ହେଉଛି ସରକାର ମଧ ଜାଣିପାରେନାହିଁ ଏବଂ ଯଦି ଜଣେ ନ ଜାଣିଲା ଭଳି ଆଖି ବୁଜିଦିଏ। ଏବେ ବି ଶବଧରି ଅନେକ ଦୂର ଲୋକେ ଚାଲନ୍ତି। କାରଣ ଶବବାହ ଗାଡ଼ି ସେ ଗାଁକୁ ପହଞ୍ଚି ପାରେନା, ଏବେ ବି ରୋଗ ହେଲେ ଔଷଧ ଟିକକ ଓ ଚିକିତ୍ସା ପାଇଁ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟରେ ଦୋଳି କରି ବୁହାଯାଇ ଡ଼ାକ୍ତରଖାନାକୁ ନିଆଯିବାର ସମଗ୍ର ବିଶ୍ୱ ଦେଖୁଛି ଆମର ଏଭଳି ଦୟନୀୟ ଅବସ୍ଥାକୁ। ଡ଼ାକ୍ତରଖାନାକୁ ନେବା ବାଟରେ ରୋଗୀ ମୃତ୍ୟୁ ହୋଇ ଯିବାର ନିଜର ମଧ ରହିଛି। ବେଳେ ବେଳେ ଗର୍ଭବତୀ ମହିଳା ବାଟରେ ସନ୍ତାନ ପ୍ରସବ କରୁଥିବାର ଯଥେଷ୍ଟ ପ୍ରମାଣସ୍ୱରୂପ ଆମ ସାମନାରେ ଅଛି। କେତେକ ସ୍ଥାନରେ ନଈନାଳ ଦେଖାଯାଏ ସେଠରେ ମଧ ପୋଲ ନଥିବାରୁ ଲୋକେ କାଠପୋଲ ତିଆରି କରି ଯାତାୟତ କରନ୍ତି। ତାହା ଯଦି ମଜଭୁତ ନଥାଏ କିମ୍ବା ପୁରୁଣା ହୋଇଥାଏ, ତେବେ ଭାଙ୍ଗିଯିବାର ସମ୍ଭାବନା ଯଥେଷ୍ଟ। ଏଇଥିପାଇଁ ତ ଅକାଳରେ ନିରୀହ ଜୀବନ ଚାଲିଯାଏ। ପୋଲ ନଥିବା ଯୋଗୁଁ ବେଳେବେଳେ ଛାତ୍ରଛାତ୍ରୀ ନଈପାରି ହୋଇ ଅନେକ ଦୂର ଚାଲି ଚାଲି ବିଦ୍ୟାଳୟକୁ ମଧ ଯାଆନ୍ତି। ଏହା ତାଙ୍କ ଜୀବନପ୍ରତି ବିପଦାପନ୍ନ ଅଟେ। ଏହିପରି କ୍ଷେତ୍ରରେ ପ୍ରକୃତ ହିତାଧିକାରୀ ଏହିଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏବେ ବି ଗ୍ରାମାଞ୍ଚଳର ହଜାର ହଜାର ଶିଶୁ ବିଦ୍ୟାଳୟ ଦୁଆର ମାଡ଼ିପାରି ନାହାଁନ୍ତି। ଏଭଳି ଛୁଆଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବାକୁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ କେତେକ କ୍ଷେତ୍ରରେ ବିଫଳ ମଧ ହେବାକୁ ବସିଛି। ଚାଷୀ ଚାଷଜମିରେ ଉତ୍ତମ ଫସଲ ଉତ୍ପାଦନ କରିବାରେ ବିଫଳ ହେଉଛି। କାରଣ ଚାଷୀ କେବଳ ବର୍ଷାଜଳ ଉପରେ ହିଁ ଚାଷ ପାଇଁ ନିର୍ଭର କରିଥାଏ। ଉପଯୁକ୍ତ ସମୟରେ ନହେଲେ ଫସଲର କ୍ଷତି ଘଟେ। ଜଳସେଚନ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଚାଷୀଙ୍କୁ ଉତ୍ସାହିତ କରିବା ବଦଳରେ ଚାଷୀ ଆଜି ଚାଷ ବହୁଳ ଦେଶରେ ଆତ୍ମହତ୍ୟା କରୁଛନ୍ତି। ଋଣକରି ଚାଷ କରିଥିବା ଚାଷୀ ଶେଷରେ ମାନସିକ ଅଶାନ୍ତିରେ ଗତି କରେ। ଅନେକ ଚାଷଜମି ଆଜି ପଡ଼ିଆ ପଡ଼ିବା କାରଣରୁ ଉତ୍ପାଦନ ଠପ ହୋଇ ଦରମାଦମ ବୃଦ୍ଧି ଅହେତକୁ ସୀମା ଟପିଲାଣି। ତେଣୁ ସରକାର ଗଣଙ୍କ ସମସ୍ୟା ଗୁଡ଼ିକୁ ଆନ୍ତରିକତାର ସହିତ ଅନୁଧ୍ୟାନ କରି ଉଚିତ ପଦେକ୍ଷପ ନେଲେ ସମସ୍ୟା ବହୁଳ ଅଞ୍ଚଳ ଗୁଡ଼ିକର ଅଧିବାସୀଙ୍କ ମୁହଁରେ ହସ ଫୁଟାଇ ପାରିଲେ ଗଣତନ୍ତ୍ରର ମାନ ସୁଦୃଢ ହେବ।


+ରାଜ୍ୟ ସଭାପତି
ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଓଡ଼ିଶା
ତଥା ରାଜ୍ୟସ୍ତରୀୟ ସାମ୍ବାଦିକ, ସ୍ତମ୍ଭକାର
ଓଡ଼ିଶା ନିୟୁଜ ସର୍ଭିସି (ଓ.ଏନ୍.ଏସ୍)
ଜିଲ୍ଲାପାଳ ରୋଡ଼, ଭଦ୍ରକ
ମୋ : ୯୪୩୮୪୪୬୫୭୫





## କାନ୍ଦୁଛି ଭାରତ ମାତା

ସୁବ୍ରତ ମଲିକ

ଗାନ୍ଧୀ ! ଯେବେ ତୁମେ
ନେଇଛ ବିଦାୟ
କାନ୍ଦୁଛି ଭାରତ ମାତା,
ସତ୍ୟ ଧର୍ମ ଶାନ୍ତି ନ୍ୟାୟ ଅହିଂସାର
ଆଉ କେ ଗାଉନି ଗାଥା ।

ସବୁଆଡେ ଆଜି ମିଛର ରାଜୁତି
ବନ୍ଧା ପଡ଼ିଅଛି ସତ,
ଆନର ସେବାକୁ ଆଉ କେ କରୁନି
ନିଜ ଜୀବନର ବ୍ରତ ।

ତୁମ ନାମ ନେଇ ନେତାଏ ହୁଅନ୍ତି
ନିର୍ବାଚନ ନଦୀ ପାରି,
ବିକାଶ ନାମରେ ବିନାଶ କରନ୍ତି
ଦେଇ ମଦ ମାଂସ ନାରୀ ।

ମାଗଣା ଜିନିଷ ଲୋଭରେ ଗରିବ
ରହୁଛି ଗରିବ ହୋଇ,
ଧନୀକ ଲୋକଟି ଧନ ଠୁଳ କରେ
ନିର୍ବାଚନୀ ଚାନ୍ଦା ଦେଇ ।

ସରକାର ପାଖେ ଚାକିରି କରିକି
ମଧ୍ୟବିତ୍ତ ପୂରା ଖୁସି,
ଲାଞ୍ଚ ନ ପାଇଲେ କାମ କରେ ନାହିଁ
ବରଷକ ବାରମାସି ।

ଅନ୍ୟାୟ ଅନୀତି ଦୁଷ୍କର୍ମ ଦୁର୍ନୀତି
ବଢ଼ିଚାଲେ ପ୍ରତିଦିନ,
ସର୍ବସହା ମାଟି ହୁଏ ଥରହର
ଅତୀତର ଖ୍ୟାତି ଜୀର୍ଣ୍ଣ ।

ଡାକୁଛି ତୁମକୁ ଏ ଭାରତ ଭୂଇଁ
ପୁଣି ଥରେ ଜନ୍ମ ନିଅ,
ରାମ ରାଇଜର ପ୍ରତିଷ୍ଠା କରିକି
ଲୁହ ତାର ପୋଛି ଦିଅ ।


କୋରୁଆ, ଅସୁରାଳି, ଭଦ୍ରକ
୭୦୦୮୩୧୫୯୧୬


## ସ୍ୱାଧୀନତାର ମୂଲ୍ୟ

ଅମରନାଥ ବାରିକ୍



ରକତର ସୁଅ ବହିଛି ଅନେକ
ଗୁଳାବାରୁଦ ଛୁଟାଇ
ସ୍ୱାଧୀନତା ସେନା ସହୀଦ ହୋଇଲେ
ବନ୍ଦେ ମାତରମ୍ ଗାଇ।

ଏଇ ସ୍ୱାଧୀନତା ପାଇଁ
କାନ୍ଦିଛି ନିରୀହ ପରାଣ ବିକଳେ
ପୁତ୍ର ଶବ ମାତା ପାଇ ।

ଭାରତ ମାତର ଅଶ୍ରୁ ନିଗାଡ଼ିଛି
ବୀର ସହିଦଙ୍କୁ ଦେଖି
ରକ୍ତବୁଡ଼ା ସେହି ତ୍ରିରଙ୍ଗା ପତାକା
ଆଉ ପୁଣି ଚିରା ଖାକି।

ବୁଜିଦେଲେ ଯେବେ ଆଖି
ଦେଖାଇ ଆମକୁ ନବୀନ ପ୍ରଭାତ
ଶୁଳିରେ ଶିରକୁ ରଖି ।

ଅନ୍ୟାୟ ଦୁର୍ନୀତି ଫିରିଙ୍ଗି ଶାସନ
ଗୋରାଙ୍କୁ କରି ଦମନ
ବିଜୟ କରିଲେ ଭାରତକୁ ଆମ
ଦେଶପ୍ରାଣ ବୀର ସୈନ୍ୟ ।

ହୋଇଲୁ ଯେବେ ସ୍ୱାଧୀନ
ଅନୁସୃତ ସୂତ୍ର ସମଷ୍ଟିରେ ଗଢ଼ା
ଲେଖା ହେଲା ସମ୍ବିଧାନ ।

ଆସିଛି ସେ ଦିନ ସ୍ମରଣ କରିବା
ସେହି ମହାପୁରୁଷଙ୍କୁ
ଉର୍ଦ୍ଧ୍ୱରେ ରଖିବା ତାଙ୍କ ଟେକ ଆଉ
ଆମ ତ୍ରିରଙ୍ଗା ଝଣ୍ଡାକୁ।

ଶକ୍ତିଶାଳୀ କରିବାକୁ
ଆମ ଦେଶ ଆମ ହାତରେ ଗଢିବା
ଗାଇ ଜାତୀୟ ଗୀତକୁ ।

ଶାନ୍ତି ମୈତ୍ରୀ ଆଉ ପ୍ରଗତି ପ୍ରତୀକ
ପବିତ୍ର ପତାକା ଧରି
ଏକତ୍ରିତ ହୋଇ କରିବା ସଂକଳ୍ପ
ପୁଷ୍ପ ମାଲ୍ୟାର୍ପଣ କରି।

ପୁଲକରେ ପ୍ରାଣ ଭରି
ମହାତ୍ମାଙ୍କ ସ୍ୱପ୍ନ ପୁରଣ କରିବା
ରାମରାଜ୍ୟ ସୃଷ୍ଟିକରି ।


କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫


## ବଳିଦାନ

ଡଃ ମାଙ୍ଗଳିକା ମହାପାତ୍ର

ହେ.. ମୋ ଦେଶର
ଶହିଦ୍ ଜଓ୍ୱାନ ...
ମୃତ୍ୟୁର ବିଜୟୀ ବୀର
ଘେନ ହେ କୋଟି କୋଟି ପ୍ରଣାମ
ପ୍ରତିଟି ଦେଶପ୍ରେମୀଙ୍କର ...
ତୁମେ ତ ଦେଇଛ ଏ ଜାତିକୁ
ମୁକ୍ତିର ବାରତା ...
ତୁମେ ତ ନେଇଛ ଶପଥ
ଦେବାକୁ ସ୍ୱାଧୀନତା ...
ଇତିହାସ ଆକାଶେ ସୂର୍ଯ୍ୟ ତୁମେ
ନାହିଁ ତୁମର କେବେ ଅସ୍ତ ..
ଶିଖାଇଛ ତୁମ ବଳିଦାନ ଦେଇ
ହେବା ନାହିଁ ଆମେ ପରାସ୍ତ ..
ଧନ୍ୟ ଏ ମାଟି ମା
ପାଇ ତୁମ ପରଶ
ରକ୍ତରେ ଭିଜାଇଛ ଏ ଧରା
ଫୁଟାଇ ସଭିଙ୍କ ମୁହଁରେ ହସ
ସ୍ୱାଧୀନ କରି ଆମ ଦେଶ
ରଚିଛ ତୁମେ ଇତିହାସ
ଭୁଲିବାନି କେବେ ତୁମକୁ
ମନେ ଅଛି ଏ ଅଭିଳାଷ
ଏ ଦେଶର ପାଣି ପବନ
ଏ ଦେଶର ତରୁଲତା
ଏ ମାଟି,ପର୍ବତ ଶିଖର
ଗାଏ ତୁମ ଜୟଗାଥା ..


+ରେଭେନସା ବିଶ୍ୱବିଦ୍ୟାଳୟ


## ସାଧାରଣତନ୍ତ୍ର ଦିବସ ଏହି

ଅଶୋକ କୁମାର ପ୍ରଧାନ



ଜାନୁଆରୀ ମାସ ଛବିଶ ତାରିଖ
ସାଧାରଣତନ୍ତ୍ର ଦିବସେ ଜଣା
ଏହି ଦିନ ଠାରୁ ଆମ ସମ୍ବିଧାନ
ନିୟମ କାର୍ଯ୍ୟରେ ହୋଇଲା ଗଣା।

ପ୍ରଚଳନ ହେଲା ସମ୍ବିଧାନ ନୀତି
ଦେଶ ଜନତାଏ ପାଳିଲେ ତାହା
ଆମ ସମ୍ବିଧାନ ସତରେ ମହାନ୍
ସମାନ ନିୟମେ ସଭିଙ୍କୁ ସାହା।

କହେ ସମ୍ବିଧାନ ସଭିଏଁ ସମାନ
ମୋ ପାଖରେ ନୁହେଁ କେ ବଡ ସାନ
ହେଲେ ହେଉ ଧନୀ କିବା ଜ୍ଞାନୀ ଗୁଣି
ସଭିଙ୍କୁ ଦିଏ ମୁଁ ସମାନ ମାନ।

ଅନ୍ୟାୟ ଅନୀତି ଦୁର୍ନୀତିକୁ କେବେ
ପ୍ରଶୟ ଦିଏନି ଏକଥା ଜାଣ
ନ୍ୟାୟ ପଥେ ରହି ନିୟମକୁ ଧ୍ୟାୟୀ
ଦେଶ ପାଇଁ ସର୍ବେ ଗୌରବ ଆଣ।

ଜାତି ଧର୍ମ ଭାଷା ବର୍ଣ୍ଣୁ ଉର୍ଦ୍ଧ୍ୱେ ଉଠି
ସମାନତା ସୂତ୍ରେ ବାନ୍ଧିଛି ମୁହିଁ
ଏକତା ମୈତ୍ରୀର ମମତା ମନ୍ଦିରେ
ନାଚି ଉଠ ମୋର ନିୟମ ଗାଇ।

ମହା ପୁରୁଷଙ୍କ ବୀର ତ୍ୟାଗ ନିଷ୍ଠା
ସ୍ମରଣ କରିବ ସଭିଏଁ ଆଜି
ଅକ୍ଷୁର୍ଣ୍ଣ ରଖିବ ନ ଭାଙ୍ଗିବ କେହି
ଏ ଦେଶ ସଂସ୍କୃତି ଐତିହ୍ୟ ରାଜି।

ଜାତୀୟ ପତାକା ଫର ଫର ଉଡି
ବିଜୟର ଗାଥା କହୁଛି ଦେଖ
ଦେଶ ମାତୃକାର ସେବା କରିବାକୁ
ଏକତା ପଣିଆ ହୃଦୟେ ଲେଖ।

ପୁରଠାରୁ ପଲ୍ଲୀ ସହରଠୁ ଦିଲ୍ଲୀ
ସବୁଠି ପାଳିତ ହୁଏ ଏ ପର୍ବ
ଜନରାଜ୍ୟ ଦିନ ସଭିଏଁ କହନ୍ତି
ପାଳି ଭାରତୀୟେ କରନ୍ତି ଗର୍ବ।


+ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦




ଧ୍ୱନି ପ୍ରତିଧ୍ୱନି

୨୬ ଜାନୁଆରୀ ୨୦୨୨, ବୁଧବାର,ବାଲେଶ୍ୱର


## ଭାରତର ସାଧାରଣତନ୍ତ୍ର ଦିବସ



ବିପିନ ବିହାରୀ ମହାନ୍ତି



୨୬ ଜାନୁଆରୀ ୧୯୫୦ ଦିନ ଭାରତ ଶାସନ ଆଇନ ୧୯୩୫ ପରିବର୍ତ୍ତେ ଭାରତୀୟ ଶାସନ ଖସଡ଼ା ବା ସଂବିଧାନ କାର୍ଯ୍ୟକାରୀ ହେଲା। ଏଣୁ ଏହି ତାରିଖଟିକୁ ଆମେ ସଂବିଧାନର ପ୍ରାରମ୍ଭ ଦିବସ ବୋଲି କହୁ ଏବଂ ପ୍ରତିବର୍ଷ ଏହି ଦିବସଟିକୁ ଭାରତର ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରୁ। ଭାରତର ରାଜନୈତିକ ଜାତୀୟ ଇତିହାସରେ ଦୁଇଟି ଦିବସ ଗୁରୁତ୍ୱପୂର୍ଣ୍ଣ : ୧୫ ଅଗଷ୍ଟ ଏବଂ ୨୬ ଜାନୁୟାରୀ। ୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନତା ପାଇଥିବାରୁ ଉକ୍ତ ଦିବସକୁ ସ୍ୱାଧୀନତା ଦିବସ ରୂପେ ଏବଂ ୨୬ ଜାନୁୟାରୀ ୧୯୫୦ରେ ଆମ ଭାରତୀୟ ସଂବିଧାନ କାର୍ଯ୍ୟକାରୀ କରାଯାଇଥିବାରୁ ୨୬ ଜାନୁୟାରୀକୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ।

୨୬ ଜାନୁୟାରୀ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ଅଛି। ବାସ୍ତବିକ ୨୬ ଜାନୁୟାରୀ ୧୯୩୦ରେ ଆମେ ନିଜକୁ ସ୍ୱାଧୀନତା ବୋଲି ଘୋଷଣା କରିଥିଲୁ ଏବଂ ସେବେଠାରୁ ଉକ୍ତ ଦିବସଟିକୁ ସ୍ୱାଧୀନତା ଦିବସ ରୂପେ ଗ୍ରହଣ ଓ ପାଳନ କରି ଆସୁଥିଲୁ। କିନ୍ତୁ ୧୫ ଅଗଷ୍ଟ ୧୯୪୭ରେ ଇଂରେଜ ଶାସନରୁ ମୁକ୍ତ ହେଲୁ ଏବଂ ସେଇ ଦିବସଟି ସ୍ୱାଧୀନତା ଦିବସରୂପେ ପାଳିତ ହେଲା ଏବଂ ପୂର୍ବ ୨୬ ଜାନୁୟାରୀକୁ ଆମେ ଆମର ସଂବିଧାନ ପ୍ରସ୍ତୁତ କରି ସାର୍ବଭୌମତ୍ୱ ଘୋଷଣା କରିଥିବାରୁ ଏହାକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କଲୁ।

ଦେଶ ସ୍ୱାଧୀନତା ଲାଭପରେ ସଂବିଧାନ ପ୍ରସ୍ତୁତି ପାଇଁ ଏକ ସଂବିଧାନ ସଭାର ପ୍ରସ୍ତୁତ ହେଲା। ସେତେବେଳେ ଏହାର ପ୍ରଥମ ବୈଠକ ୧୯୪୬ ଡ଼ିସେମ୍ବର ୯ରେ ପ୍ରଥମେ ବସିଥିଲା। ସେତେବେଳେ ଏହାର ସଭ୍ୟସଂଖ୍ୟା ୨୯୯ଥିଲେ। ୨୮ ଅଗଷ୍ଟ ୧୯୪୭ରେ ଡା. ଭିମାରାଓ ରାମଜୀ ଆମ୍ବେଦକରଙ୍କ ନେତୃତ୍ୱରେ ଭାରତୀୟ ସଂବିଧାନ ପ୍ରସ୍ତୁତି କମିଟି ଆରମ୍ଭ ହେଲା। ଏହି କମିଟିର ସଭାପତି ଥିଲେ ଆମର ପୂର୍ବତନ ଏବଂ ପ୍ରଥମ ରାଷ୍ଟ୍ରପତି ଡା. ରାଜେନ୍ଦ୍ର ପ୍ରସାଦ।

ଆମ ସଂବିଧାନ ପ୍ରସ୍ତୁତି ପାଇଁ ୨ବର୍ଷ ୧୧ମାସ ୧୮ଦିନ ଲାଗିଥିଲା। ଏଥିପାଇଁ ସଂବିଧାନ ବିଧାୟକ ସଭା ୧୬୬ଦିନ ବସିଥିଲା। ବହୁ ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ ୧୯୪୯ ମସିହା ନଭେମ୍ବର ୨୬ରେ ଆମ ସଂବିଧାନ ସ୍ୱୀକୃତି ଲାଭକଲା। ସେହି ଦିନରୁ ନାଗରିକତା, ନିର୍ବାଚନ, ମଧ୍ୟବର୍ତ୍ତୀ କାଳୀନ ସଂସଦ ସଂକ୍ରାନ୍ତୀୟ କେତେକ ଅଧିନିୟମ ଲାଗୁ କରାଯାଇଥିଲା। ୨୧ ଜାନୁୟାରୀ ୧୯୫୦ ର ନିର୍ବାଚନ ପରେ ସଂବିଧାନ ସଭାର ୩୦୮ ସଭ୍ୟଙ୍କର ୨୪ ଜାନୁୟାରୀ ୧୯୫୦ରେ ସଂବିଧାନର ଦୁଇକିତା ହସ୍ତଲେଖା ଦଲିଲ ଉପରେ ଦସ୍ତଖତ କରାଗଲା। ଏହି ଦୁଇକିତା ହିନ୍ଦି ଓ ଇଂରାଜୀରେ ଲେଖାଯାଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ୍ ୨୬ ଜାନୁୟାରୀରେ ଏହା କାର୍ଯ୍ୟକାରୀ ହେଲା। ୨୬ ଜାନୁୟାରୀ ୧୯୫୦ହିଁ ଆମ ସଂବିଧାନର ପ୍ରାରମ୍ଭ ଦିବସ।

ପ୍ରାରମ୍ଭରେ ଉପକ୍ରମରେ ଆମେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ଭାବେ ଘୋଷଣା କରିଥିଲୁ। ୧୯୭୬ରେ ୪୨ତମ ସଂଶୋଧନ ବଳରେ ଏବେ ଭାରତକୁ ଗୋଟିଏ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ବୋଲି ଘୋଷଣା କରିଛୁ।

ଆମ ସଂବିଧାନର ଉପକ୍ରମରେ ଆମେ ଏହିପରି ଅବତାରଣା କରିଛୁ :

"ଆମେ ଭାରତର ଅଧିବାସୀ ସବୁ ଲୋକମାନେ ଦୃଢ଼ ସଂକଳ୍ପ ଗ୍ରହଣ କରୁକି ଆମେ ଭାରତକୁ ଗୋଟିଏ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବରେ ଗଢ଼ିବୁ ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ, ଓ ରାଜନୈତିକ ନ୍ୟାୟ, ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଆସ୍ଥା ଓ ପୂଜାର୍ଚ୍ଚନା ପାଇଁ ମୁକ୍ତ ବା ସ୍ୱାଧୀନ ପଦ ମର୍ଯ୍ୟାଦା, ଓ ସୁବିଧା ସୁଯୋଗର ସମାନତା ନିଶ୍ଚିତ ଭାବରେ ଯୋଗାଇଦେବୁ ଏବଂ ସୋମାନଙ୍କ ମଧ୍ୟର ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ତଥା ଜାତୀୟ ଐକ୍ୟ ଓ ସଂହତି ଭାବନା ପ୍ରତିଷ୍ଠା ମାଧ୍ୟମରେ ଭାତୃତ୍ୱର ପ୍ରସାର ଘଟାଇବୁ।

ଆମେ ଆମର ସଂବିଧାନ ସଭାରେ ଆଜିର ଏହି ୧୯୪୯ ନଭେମ୍ବର ୨୬ତମ ଦିବସରେ ଏହା ଦ୍ୱାରା ଏହି ସଂବିଧାନକୁ ପ୍ରଣୀତ, ଗୃହୀତ, ତଥା ଅଧିନିୟମର ପରିଣତ କରି ଆମ୍ଭମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଛୁ।"

ଆମ ସଂବିଧାନ ବିଶ୍ୱର ବୃହତ୍ତମ ତଥା ସବୁଠାରୁ ବିଶଦ ସଂବିଧାନ ଭାବରେ ପରିଣତ ହୋଇଛି। ମୂଳ ଦଲିଲରେ ୩୯୫ଟି ଅନୁଚ୍ଛେଦ ଓ ୮ଗୋଟି ଅନୁସୂଚୀ ଲିପିବଦ୍ଧ ହୋଇଥିଲା। ଅଧୁନା ଏହାର ୪୪୧ଟି ଅନୁଚ୍ଛେଦ ଓ ବାରଗୋଟି ଅନୁସୂଚୀ ଅଛି।

ଆମ ସଂବିଧାନ ପ୍ରସ୍ତୁତିବେଳେ ଅଧିକାଂଶ ଅନୁଚ୍ଛେଦ ଭାରତର ସରକାର ଆଇନ ୧୯୩୫ର ଅବିକଳ ଉଦ୍ଧରଣ କରିଛୁ; ଯୁକ୍ତରାଷ୍ଟ୍ର ଆମେରିକା ଢ଼ାଞ୍ଚା ଅନୁଯାୟୀ ମୌଳିକ ଅଧିକାର ଗୃହୀତ କରିଛୁ। ଆୟାରଲ୍ୟାଣ୍ଡ ସଂବିଧାନରୁ ଅନୁଗୃହୀତ ହୋଇଥିବା କଥା ନିର୍ଦ୍ଦେଶକ ସିଦ୍ଧାନ୍ତଗୁଡ଼ିକ ପ୍ରତିଫଳିତ କରିଛୁ; ଯୁକ୍ତରାଜ୍ୟ ତଥା ଅନ୍ୟାନ୍ୟ ରାଷ୍ଟ୍ରର ସଂବିଧାନରୁ ଆମ ଦେଶକୁ ଖାପ ଖୁଆଇଲା ପରି ଉପାଦାନମାନ ଗ୍ରହଣ କରିଛୁ।

ଏହାଏକ ବିଚିତ୍ର ଏବଂ ସ୍ୱତନ୍ତ୍ର ସଂବିଧାନ ଯାହା ଅନ୍ୟତ୍ର ଦେଖାଯାଏ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାପରି ଏହାର ଐକ୍ୟବଦ୍ଧ ସଂଘୀୟ ସରକାରର ରୂପରେଖ ନେଇଛି ଅଥଚ ଆମେରିକାର ରାଷ୍ଟ୍ରପତିଙ୍କ ପରି ଏହାର ରାଷ୍ଟ୍ରପତି, ସର୍ବେସର୍ବା ନହୋଇ ଯୁକ୍ତରାଜ୍ୟ ରାଷ୍ଟ୍ରମୁଖ୍ୟ ପରି ଏକ ରବର ମୋହର ଅଥଚ ଜରୁରୀ କାଳୀନ ଜାତୀୟ ପରିସ୍ଥିତି ବେଳେ ସେ ଅଖଣ୍ଡ କ୍ଷମତା ଭୋଗ କରନ୍ତି। ଭାରତୀୟ ସଂବିଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପାଇଁ ସମ୍ବିଧାନ ପ୍ରଣୟନ ଲାଗି ଅନୁମତି ପ୍ରଦାନ କରାଯାଇଛି। ଅନୁଚ୍ଛେଦ ୩୭୦ରେ ଉଲ୍ଲେଖ କରାଯାଇଛି ଯେ ଏହି ସମ୍ବିଧାନର ଧାରାଗୁଡ଼ିକ ଜାମ୍ମୁ ଓ କାଶ୍ମୀର ରାଜ୍ୟର ପରାମର୍ଶକ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ଆଦେଶ ଜାରିକରାଯିବା ପରେ ଲାଗୁ କରାଯାଇପାରିବ। ୩୭୦ ଅନୁଚ୍ଛେଦ ସେଥିପାଇଁ ଏକ ଅସ୍ଥାୟୀ ଧାରା ରୂପେ ଗ୍ରହଣ କରାଯାଇଛି।

ଆମ ସଂବିଧାନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷମତା ଓ କାର୍ଯ୍ୟାନ୍ୱୟନ, ଅର୍ଥର ବଣ୍ଟନ ଓ ବିବାଦର ନିର୍ଣ୍ଣୟ, ସଂପର୍କରେ ସବିଶେଷ ବିବରଣୀ ଦିଆଯାଇଛି। ସଂବିଧାନରେ ଆଉ ଗୋଟିଏ ପ୍ରକାର ଅଧିକାରରୁ ବ୍ୟାଖ୍ୟା ବିଦ୍ୟମାନ ରହିଛି ଯାହାକି ରାଷ୍ଟ୍ରନୀତିର ନିର୍ଦ୍ଦେଶକ ନିର୍ଣ୍ଣୟାବଳୀ ଭାବରେ ବର୍ଣ୍ଣିତ ହୋଇଛି। ଏହି ଅଧିକାରଗୁଡ଼ିକୁ ସଂବିଧାନର ଦେଶର ଶାସନ ନିମନ୍ତେ ଅପରିହାର୍ଯ୍ୟ ବୋଲି ଘୋଷଣା କରାଯାଇଛି; କିନ୍ତୁ ସେଗୁଡ଼ିକ ନ୍ୟାୟ ପ୍ରଦାୟୀ ନୁହଁନ୍ତି ଅଥଚ ରାଷ୍ଟ୍ରପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକୁ ନ୍ୟାୟ ପ୍ରଦାୟୀ।

ସାଧାରଣତଃ ଗୋଟିଏ ସଂଘୀୟ ସଂବିଧାନକୁ ସଂଶୋଧନ କରାଯିବା ଅତ୍ୟନ୍ତ ଜଟିଳ ବିଷୟ ଅଥଚ ଆମ ସଂବିଧାନ ପ୍ରଣେତାମାନେ ଏହାକୁ ନମନୀୟ କରିବା ପାଇଁ ଉଦ୍ୟମ କରିଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଏହା ବହୁମତ ଦ୍ୱାରା ଯାହକି ଏକ ଜଟିଳ ପ୍ରୟୋଗ ଦ୍ୱାରା ସଂଶୋଧିତ କରାଯାଇପାରେ ଅର୍ଥାତ୍ କେତେବେଳେ ସାଧାରଣ ସଂଖ୍ୟାଧିକ ତ ଆଉ କେତେବେଳେ ଦୁଇ ତୃତୀୟାଂଶ ସଂଖ୍ୟାଧିକ। ଏନେଇ ଆମ୍ବେଦକର ପ୍ରଥମରୁ କୁହନ୍ତି : 'We can therefore safely say that the Indian federation will not suffer from the fault or rigidity or legalism. Its distinguished feature is that it is a flexible federation.'

ଏଥିପାଇଁ ସେ ପୁଣି କୁହନ୍ତି ଯେ : The three mechanism of the system derived by the Assembly to the predictions, have made the constitution flexible at the same time protected the rights of the states. They have worked better than a mediating process in any other country where federalism and British parliamentary system jointly formed the basis of the constitution.

ଶାସନର ସୁବିଧା ଦୃଷ୍ଟିରୁ ଆମେ ଶାସନ ପ୍ରଣାଳୀକୁ ତିନିଭାଗରେ ବିଭକ୍ତ କରାଯାଇଛି। ଶାସନର ବିଧାୟକ ବ୍ୟବସ୍ଥା ବା ନୀୟମ ପ୍ରଣୟନ ତଥା ସଂଶୋଧନକାରୀ ସଂସ୍ଥା, କାର୍ଯ୍ୟନିର୍ବାହୀ ବା ପ୍ରଶାସନକୁ ନିୟନ୍ତ୍ରଣ କରିବା ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ମୁକ୍ତ ଓ ନିରପେକ୍ଷ ବିଚାର ବ୍ୟବସ୍ଥା ଅଛି। ଆମେ ଆମ ସଂବିଧାନର ୩୨୬ଅନୁଚ୍ଛେଦ ଅନୁଯାୟୀ ସାବାଳକ ଭୋଟ ପ୍ରଥା ଗୃହୀତ କରିଅଛୁ। ଏହି ଅନୁସାରେ ପ୍ରତ୍ୟେକ ୧୮ବର୍ଷର ନାଗରିକ ନିର୍ବାଚନ ପ୍ରକ୍ରିୟାରେ ମତ ସାବ୍ୟସ୍ତ କରିପାରିବେ। ସେମିତି ତଫସିଲଭୁକ୍ତ ଜାତି ଓ ଉପଜାତି ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଜାତୀୟ ଏକତା ଓ ସଂହତି ରକ୍ଷାପାଇଁ ସାମ୍ପ୍ରଦାୟିକ ପ୍ରତିନିଧିତ୍ୱକୁ ଉଚ୍ଛେଦ କରିଛୁ। ଏଥିରେ କେବଳ ବ୍ୟବସ୍ଥା ରହିଲା ଯେ ୧୦ବର୍ଷ ପାଇଁ ଅର୍ଥାତ୍ ୧୯୬୦ ପର୍ଯ୍ୟନ୍ତ ତଫସଲ ଭୁକ୍ତ ଜାତି ଓ ଉପଜାତି ପ୍ରାର୍ଥୀମାନଙ୍କ ନିମନ୍ତେ କେତୋଟି ଆସନ ସଂରକ୍ଷଣ ହେବ। ପରବର୍ତ୍ତୀ କାଳରେ ଏହା ଏଯାବତ୍ ବଢ଼ି ଚାଲିଛି।

ଆମ ସଂବିଧାନରେ ପ୍ରବର୍ତ୍ତିତ ସରକାର ବ୍ରିଟିଶ ଧରଣର ସଂସଦୀୟ ଅଟେ; ଆମେରେକୀୟ ପଦ୍ଧତି ନୁହେଁ। ବ୍ରିଟିଶ ପଦ୍ଧତିରେ ଉଚ୍ଚତମ ଶିଖରରେ ଜଣେ ବଂଶାନୁକ୍ରମିକ ସମ୍ରାଟ ବା ସାମ୍ରାଜ୍ଞୀ ରହିଥାନ୍ତି। କିନ୍ତୁ ଆମର ଏକ ସାଧାରଣତନ୍ତ୍ର ରାଷ୍ଟ୍ରହେତୁ ଏଠାରେ ଜଣେ ନିର୍ବାଚିତ ରାଷ୍ଟ୍ରପତି ଶାସନ ମୁଖ୍ୟ ଅଟନ୍ତି।

ଆମ ସଂବିଧାନର ଭିନ୍ନ ଏକ ବିଶେଷତ୍ୱ ଏହି ଯେ ଏହା ସଂଘୀୟ ବ୍ୟବସ୍ଥାରେ ଏକାତ୍ମକ ଶାସନ ବା କେନ୍ଦ୍ରୀଭୂତ ଶାସନକୁ ଶକ୍ତିଶାଳୀ କରିପାରିଛି। ଭିନ୍ନ ଏକ ସଫଳତା ଏହି ଯେ ପ୍ରାୟ ୬୦୦ଗୋଟି ଭାରତୀୟ ରାଜ୍ୟ ବର୍ଗଙ୍କୁ ଭାରତର ଅବଶିଷ୍ଟ ଭାଗ ସହିତ ସାମିଲ କରିଛି। ଏହା ସ୍ୱେଚ୍ଛାକୃତ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଯୋଗୁଁ ସମ୍ଭବ ହୋଇଛି।

ଆମ ସଂବିଧାନ ସଂପର୍କରେ ସାର ଆନ୍ଥୋନୀ ଏଡ଼େନ, ଯୁକ୍ତରାଜ୍ୟର ତତ୍କାଳୀନ ପ୍ରଧାନମନ୍ତ୍ରୀ କହିଥିଲେ : "Of all the experiments in government which has been attempted since the beginning of the time, I beelive that the Indian venture into Parlimentary Government is the most exciting.

ଗ୍ରୀନଭିଲ ଅଷ୍ଟିନ୍ ଜଣେ ଆମେରିକୀୟ ସାଂବିଧାନିକ ଯିଏ ଆମ ସଂବିଧାନ ନେଇ କୁହନ୍ତି : "Perhaps it is the greatest political venture since that originated in philadilphia in 1787... first and foremost a social document.

The mejority of Indians constitution provisions are either directly arrived at furthering the aim social revolution or attempt to foster this revolution establishing conditions necessary for the achievement.

ଏସବୁ ଦୃଷ୍ଟିରୁ ବିଚାର କଲେ ଭାରତର ସଂବିଧାନ ଏକ ମହାନ୍ ଦଲିଲ୍। ଆମ ଭାରତ ମହାନ୍। ଏଣୁ ଏହି ମହାନ ଦେଶର ୨୬ ଜାନୁୟାରୀ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଏହାକୁ ଦେଶର ରାଜଧାନୀ ଦିଲ୍ଲୀ ଓ ରାଜ୍ୟ ରାଜଧାନୀ ତଥା ଦେଶର କୋଣ ଅନୁକୋଣରେ ମହାସମାରୋହରେ ପାଳିତ ହୁଏ। ସେଦିନ ଦିଲ୍ଲୀର ରାଇସିନା ହିଲ (ରଷ୍ଟ୍ରପତି ଭବନ) ଠାରୁ ରାଜପଥ ଦେଇ ଏଣ୍ଡିଆ ଗୋଟ୍ ଯାଏଁ ପ୍ୟାରେଡ୍ ଚାଲେ। ଇଣ୍ଡିଆ ଗେଟ୍ (ଯାହାକି ରାଜପଥର ଶେଷପ୍ରାନ୍ତ) ଠାରେ ସହୀଦ ଯେଉଁମାନେକି ଦେଶର ସ୍ୱାଧୀନତା ସଂଗ୍ରାମରେ ଏବଂ ପରେ ଦେଶର ସାର୍ବଭୌମତ୍ୟ ରକ୍ଷା କରିବାରେ ଜୀବନ ଉତ୍ସର୍ଗ କରିଛନ୍ତି, ସେହିମାନଙ୍କ ଉଦ୍ଦେଶ୍ୟରେ ଆମର ପ୍ରଧାନମନ୍ତ୍ରୀ 'ଅମର ଜ୍ୟୋତି' ଠାରେ ପୁଷ୍ପାର୍ଘ୍ୟ ଅର୍ପଣ କରନ୍ତି। ଏହାପରେ ସେ ଅନ୍ୟାନ୍ୟ ନିମନ୍ତ୍ରିତ ମହାମାନ୍ୟମାନଙ୍କ ସହ ପତାକା ଉତ୍ତୋଳନ ସ୍ଥଳରେ ଉପସ୍ଥିତ ହୁଅନ୍ତି।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## କବିତା



### ଆମେ କି ସ୍ୱାଧୀନ !!

କବିଜ୍ୟୋତି ନିରଞ୍ଜନ ପତି

ଗୋରାଙ୍କ ଶାସନରୁ ମୁକ୍ତ ହୋଇ
ନିଜ ଆସନରେ ନିଜେ ଆସୀନ
ହେବାର ସ୍ୱାଧୀନତା ମିଳିବା
ପଞ୍ଚସ୍ତରୀ ବର୍ଷ ପୂରିଗଲା
ବୃହତ୍ତମ ଗଣତନ୍ତ୍ର ଦେଶ ଭାରତର
ସର୍ବ ବୃହତ ଶାସନ ଖସଡ଼ା
କାର୍ଯ୍ୟକାରୀ ହେବା ବାସ୍ତରୀ ବର୍ଷ
ପୂର୍ଣ୍ଣ ହୋଇଗଲା,
କିନ୍ତୁ ବାସ୍ତବରେ ଆମେ କି ସ୍ୱାଧୀନ!
ହଁ,ଏଇଆ ହୋଇଛି ଯେ
ପିତା ମାତାଙ୍କ ପାରିବାରିକ
ସସ୍ନେହ ଆକଟରୁ
ପୁତ୍ର କନ୍ୟା ସ୍ୱାଧୀନ
ସ୍ୱାମୀଙ୍କ ସମ୍ପର୍କ ବନ୍ଧନ,
ସେନେହ ସୋହାଗ, ରକ୍ଷଣଶୀଳତା
ଦେବତ୍ୱ ଆକଟ ବା କଟକଣାରୁ
ବିବାହିତ ଧର୍ମ ପତ୍ନୀ ସ୍ୱାଧୀନ,
ଗୁରୁଜୀ ଗୁରୁମା'ଙ୍କ କାଇଦା କଟକଣା
ମାଡଛାଟର ମୃଦ୍ୟୁ ଦଣ୍ଡରୁ
ଛାତ୍ର ଛାତ୍ରୀ ସ୍ୱାଧୀନ,
ଠିକ୍ ସେପରି ଏବେ କରୋନା
ରୋଗସହ ଜିତିବାର ସତର୍କ ନିୟମରୁ,
ରାଲିବାଲା ଠାରୁ
ଟ୍ରଲିବାଲା ଯାଏ ବେଖିଆଲ
ଭାବରେ ସ୍ୱାଧୀନ
ସାମାଜିକ ସଂସ୍କୃତି ଓ ପରମ୍ପରାରୁ
(ଅ)ମାନବିକ ବ୍ୟକ୍ତି ର ସ୍ୱାଧୀନ
ଆଉବା ଯେତେ ଯାହା କୁହ
ସେସବୁ ରେ ଆମେ
ସଂପୂର୍ଣ୍ଣ ପରାଧୀନ ।।

ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯



## ଗଣ, ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା



ଡ଼ି.ଶୁଭମ୍



ସଂଗ୍ରାମର ପରିଧିକୁ କେହି କେବେ ମାପି ପାରେନି। କାରଣ ଜୀବନ ଯାତ୍ରାରେ ସଂଗ୍ରାମ ସୀମାହୀନ। ଭାରତର ପରାଧିନତାର ଇତିହାସ ସତରେ ଏକ କଣ୍ଟକିତ ପଥ। ସ୍ୱାଧିନତାର ମଧୁ ଚାଖିବା ପାଇଁ ଭାରତର ସଂଗ୍ରାମକୁ ସତରେ ଆଜିବି ସଲାମ କରିବାକୁ ପଡ଼େ। ସମୟ ଥିଲା ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଙ୍ଖିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ଏତେସବୁ ପରେ ବି ସଂଗ୍ରାମୀ ମାନଙ୍କର ଅବଦାନ ଆଉ ପରିଶ୍ରମର ଫଳ ସ୍ୱରୂପ ସ୍ୱାଧୀନତାର ସ୍ୱାଦକୁ ଚାଖିଲା ପରେ ଆମେ ଏକ ସ୍ୱାଧୀନ ପରିବେଶରେ ବାସ କରି ସ୍ୱାଧୀନତାକୁ ଅନୁଭବ କରିପାରୁଛୁ। ହେଲେ ଆମେ କେତେ ସ୍ୱାଧୀନ, ସେକଥା ସମୟ ହିଁ ବଖାଣିବ। ଆଜି ଆମେ ୭୩ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ। ସ୍ୱାଧୀନତାର ରୂପରେଖକୁ ମର୍ମେମର୍ମେ ଅନୁଭବ କରୁଛୁ। ଗଣତନ୍ତ୍ର ଦିବସ ଆସିଲେ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୁଏ। ଦେଶାତ୍ମବୋଧର ଗାଥାକୁ ଗୁମୁରି ଗୁମୁରି ହୃଦୟ ଭିତରେ ବସା ବାନ୍ଧେ। ସମ୍ବିଧାନ ଆଉ ଶାସନବ୍ୟବସ୍ଥାର କଥା ମନକୁ ଆସେ। ଏକ ସ୍ୱଚ୍ଛ ଗଣତାନ୍ତ୍ରିକ ରାଷ୍ଟ୍ରର ଜନତା ଭାବରେ ଏ ଦିବସଟି ଆମ ପାଇଁ ଗୁରୁତ୍ୱ ବହନ କରେ।

ଦେଶ ସ୍ୱାଧୀନ ହେବା ପରଠାରୁ ଯଦି ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଏ, ତାହେଲେ ଆମ ଦେଶ ସମ୍ବିଧାନର ଧାରାକୁ ନେଇ ପର୍ଯ୍ୟବସିତ। ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା –ଏକଥା ସମସ୍ତଙ୍କୁ ଜଣା। ଗ୍ରୀକ ଦାର୍ଶନିକ ପ୍ଲୁଟୋଙ୍କ ଭାଷାରେ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ସ୍ୱଚ୍ଛ ଓ ନିର୍ମଳ ଜନାଭିମୁଖୀ ଶାସନ। ମାତ୍ର ଏବର ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଭଲଭାବେ ଅନୁମେୟ ଯେ ଏ ବ୍ୟବସ୍ଥା ସମୂହ ଏବେ ସମ୍ପୂର୍ଣ୍ଣ କଳୁଷିତ। ଗଣତନ୍ତ୍ରରେ ନେତାମାନେ ଆଦର୍ଶ, ଦେଶସେବା ଏବଂ ନିଃସ୍ୱାର୍ଥପର ଗାନ୍ଧୀ ଚେତନାରେ ଆଦର୍ଶବାଦୀ ହେବା ଆବଶ୍ୟକ। ମାତ୍ର ଆମ ଦେଶର ନେତାମାନେ ଏବେ ଦୁର୍ନୀତି ଗ୍ରସ୍ତ, ସ୍କାମ୍, ସ୍କାଣ୍ଡାଲ୍ର ନେତା ଭାବେ ବେଶ ଜଣାଶୁଣା। ତଥା କଥିତ ଦୁର୍ନୀତି ମାନଙ୍କର ଗାଥା ବୋଧହୁଏ ଉଣା ଅଧିକେ ସମସ୍ତଙ୍କୁ ଜଣା। ଯେପରିକି ଏ ରାଜାଙ୍କର ଟୁ ଜି ସ୍ପେକ୍ଟ୍ରମ୍ ଦୁର୍ନୀତି, ଲାଲୁ ଯାଦବଙ୍କର ଗୋଖାଦ୍ୟ ଦୁର୍ନୀତି, ହର୍ଷଦ ମେହେଟାଙ୍କର ସେୟାର ମାର୍କେଟ ଦୁର୍ନୀତି, ମାୟାବତୀଙ୍କର ଜମିକିଣା ଦୁର୍ନୀତି, ଆହୁରି ବହୁତ। ଗୋପବନ୍ଧୁଙ୍କ ସେହି ମହନୀୟ ବାଣୀ ଏବେ ବିପରୀତ ଅର୍ଥରେ ପ୍ରୟୋଗ ହୋଇ କୁହାଯାଉଛି- ଜନତାର ଦେହ ମିଶୁ ଏ ମାଟିରେ, ଆମେ ଚ଼ାଲି ଯିବୁ ତାଙ୍କରି ପିଠିରେ, ଆମ ସ୍ୱାର୍ଥ ପଛେ ଅଛି ଯେତେ ଗାଡ଼, ପୁରୁତହିଁ ପଡି ଜନତାର ହାଡ଼। ଏପରିକି ଭୀମଭୋଇଙ୍କ ବାଣୀ ଏବେ ବଦଳି ଯାଇ କୁହାଯାଉଛି- ଜଗତଟା ପଛେ ନର୍କେ ପଡିଥାଉ ମୋ ଜୀବନ ଉଦ୍ଧାର ହେଉ।

ଗଣତନ୍ତ୍ର ବ୍ୟବସ୍ଥାରେ ଦେଶର ଉତ୍ପାଦିତ ଦ୍ରବ୍ୟକୁ ସମସ୍ତଙ୍କ ମଧ୍ୟରେ ସମ ଭାବରେ ବଣ୍ଟନ କରାଯାଇଥାଏ। ମାତ୍ର ଆମ ଦେଶରେ ଏହି ବ୍ୟବସ୍ଥାରେ ଘୋର ପକ୍ଷପାତିତା କରାଯାଉଛି। ରାଜନେତା ମାନେ ନିଜ ଦଳୀୟ ଲୋକଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି। ହକଦାର ଗରିବ ମାନଙ୍କର ବିପିଏଲ, ଇନ୍ଦ୍ରାବାସ ସବୁ ବାଟ ମାରଣା ହୋଇଯାଉଛି। ତେଲିଆ ମୁଣ୍ଡରେ ତେଲ ବୋଳି ଏହି ସୁବିଧା ସୁଯୋଗକୁ ହାତ କରିଦେଉଛନ୍ତି ପଦସ୍ତ ଅଧିକାରୀ ବୃନ୍ଦ। ସେତେବେଳେ ନା କହିବାକୁ ଅଛି ବଳ ନା ସାହସ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ବିଚ଼ାର ବିଭାଗ ଅତୀବ ସ୍ୱଚ୍ଛ। କିନ୍ତୁ ଭାରତବର୍ଷରେ ବିଚ଼ାର କ୍ଷେତ୍ରରେ ପକ୍ଷପାତିତା ଅବଲମ୍ବନ କରାଯାଇ ବିଭାଗୀୟ ଲୋକମାନେ ଅର୍ଥ ବଳରେ ଆଇନକୁ ନିଜ ହାତକୁ ଆଣିବାକୁ ପଛାଉ ନାହାନ୍ତି। ତେଣୁ ଦାଉଦ ଇବ୍ରାହିମ, ଛୋଟା ରାଜନ ପରି ଗ୍ୟାଙ୍ଗଷ୍ଟରମାନେ ଆଇନ୍ର ଫାଙ୍କ ଦେଇ ଖସି ଆସିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ପକ୍ଷରେ ଗରିବ ଲୋକମାନେ ନ୍ୟାୟରୁ ବଞ୍ଚିତ ହୋଇ ସାମାନ୍ୟ ଭୁଲ ପାଇଁ ଗୁରୁତର ଦଣ୍ଡ ରେ ଦଣ୍ଡିତ। ଗଣତନ୍ତ୍ରରେ ସବୁ ଶ୍ରେଣୀର ଲୋକମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆ ଯାଇଥାଏ। କିନ୍ତୁ ଆମ ଦେଶର ସୁବିଧା ବାଦ ଗୋଷ୍ଠୀର ଲୋକ ମାନେ ସମସ୍ତ ସ୍ୱାର୍ଥ ହାସଲକରି ନିରୀହ ହରିଜନ ମାନଙ୍କୁ ତାଙ୍କର ପ୍ରାପ୍ୟରୁ ବଞ୍ଚିତ କରୁଛନ୍ତି। ଯାହାର ପରିଣତି ଆଜି ଦେଶରେ ନକ୍ସଲ, ମାଓବାଦର ଆରମ୍ଭ ହୋଇଛି। ସେଇ ତେଣୁ ଭାରତ ବର୍ଷରେ କୃଷକ ମାନେ ଋଣ ପରିଶୋଧ କରି ନପାରି ଆତ୍ମହତ୍ୟା କରୁଛନ୍ତି। ଯାହାକି ଦୈନନ୍ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି।

ଗଣତନ୍ତ୍ରରେ ଦେଶର ପ୍ରଗତି ପାଇଁ କାର୍ଯ୍ୟରତ ଇଂଜିନିୟରମାନେ ନିଃସ୍ୱାର୍ଥପର ହେବା ବିଧେୟ। ମାତ୍ର ଆମ ଦେଶର ବୈଷୟିକ ଜ୍ଞାନ ଧାରି ଯୁବକମାନେ ବିନିଯୋଗ ଅର୍ଥର ଅଧିକାଂଶ ଭାଗ ଆତ୍ମସାତ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଭାଷରେ "ଏ ଦେଶରେ ପ୍ରଗତି ପାଇଁ ଆସୁଥିବା ଟଙ୍କାର ୮୦ ପଇସା ବାଟମାରଣା ହୋଇ ଯାଇଥାଏ। ଗଣତନ୍ତ୍ର ଶାସନରେ ପୋଲିସ ମାନେ ଲୋକ ମାନଙ୍କ ପାଇଁ ସାହାଯ୍ୟ ନ କରି ବରଂ ନେତାମାନଙ୍କର ହାତ ବାରିସୀ ସାଜି ଏବଂ ଧନୀକ ମାନଙ୍କର ଅର୍ଥ ଖାଇ ଗରିବ ମାନଙ୍କୁ ନିର୍ଯାତନା ଦେଇଥାନ୍ତି। ଅସାମଜିକ କାର୍ଯ୍ୟରେ ଲିପ୍ତ ଲୋକମାନେ ଅର୍ଥ ବଳରେ ରାଜରାସ୍ତାରେ ଛାତି ଫୁଲେଇ ବୁଲୁଛନ୍ତି।

ଗଣତନ୍ତ୍ରର ନିର୍ବାଚ଼ନ ପଦ୍ଧତି ନିତ୍ୟାନ୍ତ ସ୍ୱଚ୍ଛ। ଏଥିରେ ଥିବା ଲୋକମାନେ ସତ୍ ଚ଼ରିତ୍ରର ହେବା ସହିତ ନୀତିନିଷ୍ଠ ହୋଇଥାନ୍ତି। କିନ୍ତୁ କେତେକ ଅସାଧୁ ମାନଙ୍କର ପ୍ରବେଶ ଏହାକୁ କୁତ୍ସିତ କରାଇ ଦେଇଛି। ଫଳରେ ଜନ ସାଧାରଣଙ୍କୁ କ୍ରୟ କରି ଭୋଟ ହାସଲ କରିଥାନ୍ତି। ଅର୍ଥାତ ଏବେ ଭାରତର ଗଣତନ୍ତ୍ର ଏକ ସ୍ୱାର୍ଥାନ୍ଧ ଗୋଷ୍ଠୀର ଜନ ସ୍ୱାର୍ଥ ବିରୋଧୀ ପଣ୍ୟ ଶାସନ ପଦ୍ଧତି। ଯଦି ଆମେ ଗଣତନ୍ତ୍ର ଦିବସ ପାଳନ କରୁଛୁ, ତାହେଲେ ଅନ୍ତତଃ ଗଣତନ୍ତ୍ରର ଅର୍ଥକୁ ବୁଝିବା ଦରକାର। ଗଣ ଅଥବା ଲୋକମାନେ ହିଁ ଏହାର ଆଧାର। ତେଣୁ ଏ ବ୍ୟବସ୍ଥାର ପରିପାଟୀ ସ୍ୱଚ୍ଛ ହେବା ବିଧେୟ। ନହେଲେ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାସ କରିବା ଅର୍ଥହୀନ ମନେ ହେବ।

ସମୟ ଆସିଛି ଆମେ ସ୍ୱାଧୀନ ଭାବେ ଜୀଇଁବାର। ୭୩ତମ ଗଣତନ୍ତ୍ର ଦିବସ ପାଳନ କରୁଛି ସାରା ଦେଶ। ତ୍ରିରଙ୍ଗାର ଆହ୍ୱାନରେ ଆହ୍ୱାନିତ ଭାରତବାସୀ। ଏକତାର ମନ୍ତ୍ରରେ ମନ୍ତ୍ରିତ ଭାରତୀୟମାନେ। ବ୍ୟକ୍ତିଗତ ସ୍ୱାର୍ଥକୁ ଦ୍ୱାହି ଦେଇ ସମୂହ ସ୍ୱାର୍ଥ ଦିଗରେ କାର୍ଯ୍ୟ କରିବା। ମାନବ ଜନ୍ମକୁ ଚରିତାର୍ଥ କରିବା। ଦେଶ ହିତରେ ସଂଗ୍ରାମ କରିବା। ତାହେଲେ ଯାଇ ଆମେ ଗଣତନ୍ତ୍ରର ଅମୃତକୁ ପାନ କରିପାରିବା । କେବଳ ଗଣତାନ୍ତ୍ରିକ ଦିବସ ପାଳନ କରି ଏ ସମ୍ବନ୍ଧୀୟ କିଛିଟା ବକ୍ତବ୍ୟ ଦେଇଦେଲେ ଦିବସ ସରିଯାଏ ସିନା କିନ୍ତୁ ଏହାର ଅର୍ଥକୁ ବୁଝାଯାଇପାରେନା। ସୁତରାଂ ଆମକୁ ଗଣତନ୍ତ୍ର ଅର୍ଥକୁ ବୁଝିବାକୁ ହେବ। ଗଣଙ୍କୁ ଏ ବିଷୟରେ ସଚେତନ କରାଇବାକୁ ହେବ। ଏକ ନିର୍ମଳ ଶାସନ ବ୍ୟବସ୍ଥାର ସ୍ୱରୂପକୁ ଲୋକମାନଙ୍କୁ ଅନୁଭବ କରାଇବାକୁ ହେବ। ତାହେଲେ ଯାଇ ମଧୁମୟ ଭାରତ ଗଠନ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

ବାସୁଦେବପୁର, ଭଦ୍ରକ
ମୋ-୯୪୩୮୪୬୭୦୭୯



### ସାଧାରଣତନ୍ତ୍ର ଦିବସ

ଆଦ୍ୟାଶା ମହାପାତ୍ର

ପବିତ୍ର ଦିବସ ଏହି 'ସାଧାରଣତନ୍ତ୍ର'
ଶାନ୍ତି ମୈତ୍ରୀ ସଂହତିର ଉଡୁଅଛି ଜୈତ୍ର
ଭାରତ ମାତାର ଆମେ ଅମୃତ ସନ୍ତାନ
ଆମ ଏ ଜନମ ଭୂଇଁ ସବୁଠୁ ମହାନ ।।

ଏ ମାଟିର କେତେ ବୀର ଦେଶପ୍ରେମୀ କଥା
ଶୁଣି ଗରବ ଲାଗଇ ସେ ଗୌରବ ଗାଥା
ସେହି ମାନଙ୍କର ଆମେ ସନ୍ତାନ ସନ୍ତତି
ଭୁଲିବାନି କେବେ ତାଙ୍କ ସଂସ୍କାର ସଂସ୍କୃତି ।।

ମୁକ୍ତିର ଆଲୋକ ପାଇଁ ଜାତିର ଜନକ
ସତ୍ୟ ଅହିଂସାର ବହ୍ନି କଲେ ପ୍ରଜ୍ୱଳିତ
ଆବାଳବୃଦ୍ଧ ବନିତା କରି ଅଭିଭୂତ
ବିଦେଶୀ ଶାସନର ସେ ଘଟାଇଲେ ଅନ୍ତ ।।

ପାଳିବା ତାଙ୍କରି ନୀତି ସ୍ନେହ ଶରଧାରେ
ବାନ୍ଧିବା ସଭିଙ୍କୁ ଦେଶପ୍ରେମର ରଜ୍ଜୁରେ
ପର ହିତ ସାଧନାରେ ରଖିଥିବା ମତି
ଜଗତ କଲ୍ୟାଣେ ସଦା ହେବା ଆମେ ବ୍ରତୀ ।।

ହସି ହସାଇବା ଆମେ ଏ ସାରା ମୁଲକ
ସବୁରି ପରାଣେ ଭରି ଦେବାରେ ପୁଲକ
ଏଇ ଦେଶ ଏଇ ମାଟି ମାଆ ସେବା ପାଇଁ
ଜୀବନକୁ ଦେବା ଆମେ ବାଜିରେ ଲଗାଇ ।।

ଦେଶର ସଂହତି ଆଉ ତା'ର ଅଖଣ୍ଡତା
ବଜାୟ ରଖିବା ପୁଣି ଆମେ ତା' ଏକତା
ନ୍ୟାୟ ପାଇଁ ଲଢିଯିବା ନରଖିବା ଦ୍ୱିଧା
ଆଗଭର ହେବା ଆସୁ ଯେତେ ପଛେ ବାଧା ।।

ଏ ପୂଣ୍ୟ ଭୂମିର ଆମେ ରଖିବାରେ ଟେକ
ଦେବା ନାହିଁ ତା'ମନରେ ଟିକେ ହେଲେ ଦୁଃଖ
ଭେଦଭାବ ଭୁଲି ଆମେ ହୋଇ ଏକ ପ୍ରାଣ
ସାରା ବିଶ୍ୱେ କରିଯିବା ତା'ର ଯଶ ଗାନ ।।

ନୂଆପଡ଼ା, କଟକ

# ଭୁବନେଶ୍ୱରରେ କୋଭିଡ୍ ସ୍ଥିତି ସୁଧୁରିଛି, ତଥାପି ସତର୍କ ରହିବା : ବିଏମସି

ଭୁବନେଶ୍ୱର,୨୫/୧ (ନି.ପ୍ର): ଭୁବନେଶ୍ୱରରେ କୋଭିଡ୍ ସ୍ଥିତିରେ ସୁଧାର ଆସିଛି। ତଥାପି ସତର୍କ ରହିବାକୁ ହେବ। ଏବେ ବି ରାଜଧାନୀରେ ଦୈନିକ ସଂକ୍ରମଣ ହଜାରେ ଉପରେ ରହୁଛି ବୋଲି ବିଏମସି କୋଭିଡ ନୋଡାଲ ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି । ସେ କହିଛନ୍ତି ଯେ, ସଂକ୍ରମଣ ରୋକିବାକୁ ଗତ ମାସକ ମଧ୍ୟରେ ଭୁବନେଶ୍ୱରରେ ୩୦୦ କଂଟେନମେଂଟ ଓ ମାଇକ୍ରୋ କଂଟେନମେଂଟ ଜୋନ୍ କରାଯାଇଛି। ସେଥିମଧ୍ୟରୁ ଅନେକ ପ୍ରତ୍ୟାହୃତ ହୋଇ ବର୍ତମାନ ଏହି ସଂଖ୍ୟା ୧୩୫ରେ ସୀମିତ ରହିଛି। ଦକ୍ଷିଣପୂର୍ବ ଜୋନ୍ ରେ ୪୦ଟି, ଦକ୍ଷିଣପର୍ଶ୍ଚିମ ଜୋନ୍ ରେ ୬୨ଟି ଏବଂ ଉତର ଯୋନରେ ୩୩ଟି କଂଟେନମେଂଟ ଓ ମାଇକ୍ରୋ କଟେନମେଂଟ ରହିଛି। ସେହିଭଳି ୪ଟି ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ଓ ୨ଟି କୋଭିଡ କେୟାର ସେଂଟର କାର୍ଯ୍ୟକ୍ଷମ ଅଛି।ବିଭିନ୍ନ ହସ୍ପିଟାଲରେ ମାତ୍ର ୪୮୨ଜଣ ଭର୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ସଂଗରୋଧରେ ଅଛନ୍ତି। ପୂର୍ବଭଳି ରାପିଡ୍ ରେସ୍ପୋନ୍ସ ଟିମ ସଂଗରୋଧରେ ଥିବା ସଂକ୍ରମିତଙ୍କୁ ନଜରରେ ରଖିଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଘର ଘର ବୁଲି ଅଳିଆ ସଂଗ୍ରହ କରାଯାଉଥିବା ଗାଡ଼ି ଜରିଆରେ କୋଭିଡ ସଚେତନତା କରାଯାଉଛି। ଦାସକାଠିଆ ଓ ଲୋକକଳା ମାଧ୍ୟମରେ ମଧ ସଚେତନ କରାଯାଉଛି। ଏହା ସହିତ ଅମାନିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।
ସେହିପରି ଟୀକାକରଣ ଓ ଟେଷ୍ଟିଂ ବ୍ୟାପକ ହୋଇଛି। ହସ୍ପିଟାଲ, ବିମାନବନ୍ଦର, ରେଳଷ୍ଟେସନ ଏବଂ ଦୈନିକ ବହୁ ଲୋକଙ୍କ ଯାତାୟତ ଫଳରେ ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ଅନ୍ୟ ସହର ଅପେକ୍ଷାକୃତ ଅଧିକ ରହୁଥିବା କହିଛନ୍ତି ବିଏମସି କୋଭିଡ ନୋଡାଲ ଅଧିକାରୀ ଶୁଭେନ୍ଦୁ କୁମାର ସାହୁ।

# ନବୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବା ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି : ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର, ୨୪ ଜାନୁଆରୀ - ଇଣ୍ଡିଆ ଟୁଡେ" ପକ୍ଷରୁ କରାଯାଉଥିବା ମୁଡ୍ ଅଫଦି ନେସନ ସର୍ଭେ- ୨୦୨୨ରେ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ମାନ୍ୟତା ଦେବା ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ଓଡ଼ିଶାର ମାତ୍ର ୨,୭୪୩ ଜଣଙ୍କ ମତକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସବୁଠାରୁ ଜନପ୍ରିୟ ଭାବେ ପ୍ରଚାର କରାଯାଉଛି। ଦୀର୍ଘ ୨୧ ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କ୍ଷେତ୍ରର ବିଫଳ ହେଲାପରେ "ଇଣ୍ଡିଆ ଟୁଡେ" ଭଳି ମର୍ଯ୍ୟାଦାଜନକ ଗଣମାଧ୍ୟମ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଏକ ମିଥ୍ୟା ସମ୍ମାନ ଦେଉଛନ୍ତି। ଚାଷୀ ମୃତ୍ୟୁ, ୧ଲକ୍ଷ ୨୫ ହଜାର କୋଟି ଋଣ ଭାର, ସ୍ୱାସ୍ଥ୍ୟ ସେବାର ଦୁର୍ନୀତି ଓ ବିଫଳତା, ଓଡ଼ିଶା ସୀମା ସୁରକ୍ଷାରେ ଅପାରଗତା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଉତ୍କଟ ଦାରିଦ୍ର୍ୟ ଓ ବେକାରୀ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଦାଦନ ସଂଖ୍ୟ ବୃଦ୍ଧି, ସରକାରୀ ଯୋଜନାରେ ବ୍ୟାପକ ହରିଲୁଟ ଏବଂ ବିଶେଷକରି ଭୋକିଲାଙ୍କ ସଂଖ୍ୟାବୃଦ୍ଧି ପ୍ରଭୃତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ବଦନାମ ହୋଇଛନ୍ତି। ମାତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି "ଇଣ୍ଡିଆଟୁଡେ" ନବୀନ ପଟ୍ଟନାୟକଙ୍କୁ ଜନପ୍ରିୟ ମାନ୍ୟତା ଦେଉଛନ୍ତି। ଅନ୍ୟପକ୍ଷରେ "ମର୍ନିଂ କନସଲ୍ଟ ପଲିଟିକାଲ ଇଂଟେଲିଜେନ୍ସି"ନାମକ ଆମେରୀକୀୟ କମ୍ପାନୀ ମୋଦୀଙ୍କ ଆଦୃତିକୁ ଠିକ୍ ଭାବେ ତଉଲି ନାହାନ୍ତି। ରେଳବାଇ, ଏୟାରପୋର୍ଟ, ଖଣି, ସରକାରୀ ଶିଳ୍ପ, ସାମରିକ ବିଭାଗ, ଏଲଆଇସି, ବ୍ୟାଙ୍କ୍, ବିମାନ ଓ ସାମୁଦ୍ରିକ ବନ୍ଦର ପ୍ରଭୃତି ସମସ୍ତ ସରକାରୀ ସଂସ୍ଥାକୁ ବିକ୍ରି କରୁଥିବା ମୋଦିଙ୍କ ଆଦୃତି କଣ ତାହା ଉକ୍ତ ଆମେରିକୀୟ କମ୍ପାନୀ ତଉଲି ପାରିନାହାନ୍ତି।

## ରାଜନୀତିରେ ଜନ ଭାଗିଦାରୀର ସଂସ୍କୃତିକୁ 'ବିଜେପିର ମାଇକ୍ରୋ ଡୋନେସନ୍' ଆହୁରି ଅଧିକ ପ୍ରୋତ୍ସାହିତ କରିବ : ନଡ୍ଡା

ଭୁବନେଶ୍ୱର,୨୫/୧ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିନ ଅବସରରେ ଗତ ଡିସେମ୍ବର ୨୫ ତାରିଖ ଦିନ ବିଜେପି ତରଫରୁ ଦେଶବ୍ୟାପୀ ଛୋଟ ଛୋଟ ଆକାରରେ ସହଯୋଗ ରାଶି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା । ରାଜନୀତିରେ ଜନ ଭାଗିଦାରୀର ସଂସ୍କୃତିକୁ 'ବିଜେପିର ମାଇକ୍ରୋ ଡୋନେସନ୍' ଆହୁରି ଅଧିକ ପ୍ରୋତ୍ସାହିତ କରିବ ବୋଲି ଯୁବମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରି ରାଷ୍ଟ୍ରୀୟ ବିଜେପି ସଭାପତି ଜେ.ପି.ନଡ୍ଡା କହିଛନ୍ତି । ଗତ କାଲି ଭର୍ଚୁଆଲ ମୋଡରେ ଦେଶବ୍ୟାପୀ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାଙ୍କ ସହ ଯୋଡି ହୋଇ ରାଷ୍ଟ୍ରୀୟ ସଭାପତି ଶ୍ରୀ ନଡ୍ଡା 'ବିଜେପିର ମାଇକ୍ରୋ ଡୋନେସନ୍' ଉପରେ ବିସ୍ତୃତ ଆଲୋଚନା କରିବା ସହ ଏହି ଅଭିଯାନକୁ ତଳ ସ୍ତରକୁ ନେବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଭର୍ଚୁଆଲ ରାଲିରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଓଡିଶା ପ୍ରଦେଶର ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାର ଏବଂ ମଣ୍ଡଳର କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନେତୃତ୍ୱର ଆହ୍ୱାନକ୍ରମେ ରାଜ୍ୟ ଯୁବମୋର୍ଚ୍ଚା ତରଫରୁ ସମସ୍ତ ପ୍ରଦେଶକୁ "ମାଇକ୍ରୋ ଡୋନେଶନ୍" ଅଭିଯାନରେ ଯୋଡିବାର ସଂକଳ୍ପ ନେଇଥିଲା । ଏହି ଅଭିଯାନରେ ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧାକ୍ଷା ସୁଶ୍ରୀ ଅର୍ପିତା ଅପରାଜିତା ବଡଜେନା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

# ଶିକ୍ଷାରେ ଓବିସିଙ୍କୁ ସଂରକ୍ଷଣ ନମିଳିଲେ ଆନ୍ଦୋଳନ ତୀବ୍ର ହେବ : ବିଜେପି

ଭୁବନେଶ୍ୱର,୨୫/୧ (ନି.ପ୍ର): ସବୁ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଥିବାବେଳେ ଓଡିଶାରେ ତାହା ଦିଆଯାଉନାହିଁ। ଡାକ୍ତରୀ ଶିକ୍ଷାରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ କେନ୍ଦ୍ର ସରକାର ନିଷ୍ପତି ନେବା ପରେ ଉଚ୍ଚତମ ନ୍ୟାୟାଳୟ ମଧ ଏହି ନିଷ୍ପତିକୁ ମୋହର ମାରିଲେ। ବର୍ତମାନ ଡାକ୍ତରୀ ଶିକ୍ଷା ପାଇଁ କାଉନସେଲିଂ ଚାଲୁଥିବା ବେଳେ ଓଡିଶା ସରକାର ଓବିସିଙ୍କୁ ସଂରକ୍ଷଣ ପ୍ରସଙ୍ଗରେ କିଛି ନ ଜାଣିଲା ଭଳି ନୀରବ ରହି ଓବିସି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି । ଶାସକ ଦଳ ଭାବେ ବିଜେଡି ଏହାର ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଦାବୀ କରିଛନ୍ତି । ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ବର୍ତମାନ ମେଡିକାଲ ଶିକ୍ଷା ପାଠ୍ୟକ୍ରମ ପାଇଁ ସର୍ବଭାରତୀୟ ସ୍ତରରେ କାଉନସେଲିଂ ଆରମ୍ଭ ହୋଇସାରିଛି ଏବଂ ଆମ ରାଜ୍ୟର ଛାତ୍ରଛାତ୍ରୀମାନେ ଏହି ପ୍ରକ୍ରିୟାରେ ସାମିଲ ଅଛନ୍ତି। ଡାକ୍ତରୀ ଶିକ୍ଷାରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ ଉଭୟ କେନ୍ଦ୍ର ସରକାର ଏବଂ ଉଚ୍ଚତମ ନ୍ୟାୟାଳୟ ମୋହର ମାରିବା ପରେ ଓଡିଶା ସରକାର ଓଡିଆ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ବ୍ୟବସ୍ଥାରେ ଉପକୃତ ହେବାରୁ ବଂଚିତ ରଖୁଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ମେଡିକାଲ ଶିକ୍ଷାରେ ଓବିସି ବର୍ଗଙ୍କୁ ରାଜ୍ୟ ସରକାର ସଂରକ୍ଷଣ ଦେବେ ନାହିଁ ଏବଂ ପରବର୍ତୀ ସମୟରେ ନିଜ ଦୋଷ ଲୁଚାଇବା ପାଇଁ ବିଭିନ୍ନ ପ୍ରକାରର ବାହାନାବାଜି କରିବେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁସାରେ ଓବିସିମାନଙ୍କ ପାଇଁ ଯେଉଁ ସଂରକ୍ଷଣ ହେବ ତାହା ରାଜ୍ୟ ସରକାରଙ୍କର ନିଜସ୍ୱ ବ୍ୟାପାର। ରାଜ୍ୟ ସରକାରଙ୍କ ନିଜସ୍ୱ ସର୍ଭେ ଆଧାରରେ ଆନୁପାତିକ ଭିତିରେ ସଂରକ୍ଷଣ ପ୍ରତିଶତ ନିର୍ଦ୍ଧାରଣ କରିବେ। କିନ୍ତୁ ରାଜ୍ୟ ସରକାର ସେପରି ନକରି ଅଭ୍ୟାସଗତ ଭାବରେ କେନ୍ଦ୍ର ଓ କୋର୍ଟକୁ ଦୋଷ ଦେଇ ଖସିଯିବାର ଚକ୍ରାନ୍ତ କରିଛନ୍ତି। ଓଡିଶା ସରକାର ଯୋଜନାବଦ୍ଧ ଭାବେ ସଂଖ୍ୟାଧିକ ବର୍ଗଙ୍କ ସ୍ୱାର୍ଥକୁ ଉପେକ୍ଷା କରି ତାଙ୍କୁ ନ୍ୟାୟ ପାଇବାରୁ ବଂଚିତ କରିଛନ୍ତି । ଷଡଯନ୍ତ୍ର ରଚି ଶାସକ ବିଜେଡି ଚଳିତ ପଂଚାୟତ ନିର୍ବାଚନରେ ୫୪ ପ୍ରତିଶତ ଓବିସି ବର୍ଗଙ୍କୁ ଆଗାମୀ ୫ବର୍ଷ ପାଇଁ ବଂଚିତ କରିଛନ୍ତି ।
ଏଥି ମଧ୍ୟରେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଓବିସି ସଂରକ୍ଷଣ ସଂପର୍କିତ ମୂଳ ମକଦ୍ଦମା ଏବେ ବି ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରଧୀନ ଅବସ୍ଥାରେ ଅଛି। କିନ୍ତୁ ରାଜ୍ୟସରକାର ସଂରକ୍ଷଣ ପ୍ରସଙ୍ଗରେ କୌଣସି ଆନ୍ତରିକତା ପ୍ରଦର୍ଶନ କରିନାହାନ୍ତି । ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ମନୋଭାବ ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ଓବିସି ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ ଉପସ୍ଥିତ ଥିଲେ।

## ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ହେଉ : ଓଡ଼ିଶା ପାଇକ ଏକାଡେମି

ଭୁବନେଶ୍ୱର ,୨୫/୧ (ନି.ପ୍ର): ଭାରତୀୟ ସ୍ଥଳସେନାରେ ପଞ୍ଜାବ ରେଜିମେଣ୍ଟ, ଗୋର୍ଖା ରେଜିମେଣ୍ଟ, ଆସାମ ରେଜିମେଣ୍ଟ ଭଳି ରେଜିମେଣ୍ଟ ରହିଛି। କିନ୍ତୁ ନିଜ ପରାକ୍ରମ, ଅଦମ୍ୟ ସାହସ ବଳରେ ପରାଧୀନ ଭାରତରେ ବ୍ରିଟିସ୍ ସେନାକୁ ଭୟଭୀତ ତଥା ବିଚଳିତ କରିଥିବା ଲଢୁଆ ପାଇକମାନଙ୍କ ସମ୍ମାନାର୍ଥେ ଏକ ପାଇକ ରେଜିମେଣ୍ଟ ଗଠନ ହୋଇନପାରିବା ଦୁର୍ଭାଗ୍ୟର ବିଷୟ। ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ହେଲେ, ଓଡ଼ିଶାର ହଜାର ହଜାର ଯୁବକ କର୍ମନିଯୁକ୍ତି ପାଇବା ସହ ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିପାରିବେ। ତେଣୁ ଏ ସଂପର୍କରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ। ମହାନ୍ ବିପ୍ଳବୀ ତଥା ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଆଜି ଏପରି ଦାବି କରିଛି ଓଡ଼ିଶା ପାଇକ ଏକାଡେମି। ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ପାଇଁ ଏକାଡେମି ପକ୍ଷରୁ ସୋମବାରଠାରୁ ସଂଗ୍ରାମ ଅଭିଯାନ ଆରମ୍ଭ ହେଲା ବୋଲି ଏକାଡେମିର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନ କହିଥିଲେ। ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱର ରାଜରାସ୍ତାରେ ଏକ ଲକ୍ଷ ପାଇକଙ୍କ ଜନଗର୍ଜନ ଶୋଭାଯାତ୍ରା ସହ ଜନତା ମଇଦାନରେ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ଏହି ଅବସରରେ ଶ୍ରୀ ଶ୍ରୀଚନ୍ଦନ ସୂଚନା ଦେଇଥିଲେ। ସେହିପରି ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି ଓ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ଯଥାଶୀଘ୍ର ହସ୍ତାନ୍ତର କରିବା ପାଇଁ ମଧ ଏହି ଅବସରରେ ଦାବି କରାଯାଇଥିଲା। କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଏକାଡେମି ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ କରୋନା ସଂକ୍ରମିତଙ୍କ ମୃତ୍ୟୁ : ମୃତକଙ୍କ ମଧ୍ୟରେ ଜଣେ ୧୦ ବର୍ଷିୟ ବାଳକ

ଭୁବନେଶ୍ୱର,୨୫/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮୫୩୨କୁ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଏହି ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଥିବା ବେଳେ ୫ ଜଣ ପୁରୁଷ ଅଛନ୍ତି। ଗତ ୨୪ ଘଣ୍ଟା ଭିତରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ଭିତରେ ଜଣେ ୮୮ ବର୍ଷିୟ ପୁରୁଷ ଓ ଜଣେ ୫୧ ବର୍ଷୀୟା ମହିଳା ଅଛନ୍ତି। ଅନ୍ୟ ଜଣେ ୭୨ ବର୍ଷିୟ ପୁରୁଷ ଅଛନ୍ତି ଯିଏ କି ରାଜଧାନୀ ଭୁବନେଶ୍ୱରର ବାସିନ୍ଦା। ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୧୦ ବର୍ଷିୟ ବାଳକ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ଢେଙ୍କାନାଳ ଜିଲ୍ଲାର ୫୪ ବର୍ଷୀୟା ମହିଳା ଅଛନ୍ତି। ଠିକ୍ ସେହିପରି ଯାଜପୁର ଜିଲ୍ଲାର ଜଣେ ଜଣେ ୬୨ ବର୍ଷିୟ ପୁରୁଷ ଓ ଝାରସୁଗୁଡ଼ା ଜିଲ୍ଲାର ଜଣେ ୬୦ ବର୍ଷିୟ ପୁରୁଷ ସଂକ୍ରମିତ ପ୍ରାଣ ହରାଇଛନ୍ତି।



# ଶିକ୍ଷା ବିକାଶ ସମିତି, ଓଡ଼ିଶାର ପୂର୍ବଛାତ୍ର ପରିଷଦ ଦ୍ୱାରା ବ୍ୟାଖ୍ୟାନ ମାଳା ଅନୁଷ୍ଠିତ


ଭୁବନେଶ୍ୱର,୨୫/୧ (ନି.ପ୍ର): ଶିକ୍ଷା ବିକାଶ ସମିତି ଓଡିଶାର ପୂର୍ବଛାତ୍ର ପରିଷଦ ଆନୁକୂଲ୍ୟରେ' ସ୍ୱାମୀ ବିବେକାନନ୍ଦ ଯୁବ ଶକ୍ତିର ପ୍ରେରଣା' ଶୀର୍ଷକରେ ଏକ ବ୍ୟାଖ୍ୟାନ ମାଳା ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ବ୍ୟାଖ୍ୟାନ ମାଳା ରେ ପ୍ରବକ୍ତା ଭାବରେ ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ୟାସୀ ତଥା ଗୋ-ସେବା ମହୋତ୍ସବ ସମିତିର ସଭାପତି ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ତାଙ୍କ ବହୁମୂଲ୍ୟ ପ୍ରବଚନ ମାଧ୍ୟମରେ କହିଥିଲେ, - ବିବେକାନନ୍ଦଙ୍କ ଭଳି ଭାରତର ଯୁବ ସମାଜ ହୃଦୟରେ ଦେଶପ୍ରେମ, ମମତ୍ୱଭାବ ଭରିଉଠିଲେ ଏକ ଅଭିନ୍ନ ଭାରତ ସୃଷ୍ଟି ହେବ। ଯେତେବେଳେ ଭାରତମାତା କୋଳରେ ଜାତିପ୍ରିୟ,ଧର୍ମପ୍ରିୟ ,ସଂସ୍କୃତିପ୍ରିୟ ଓ ସ୍ୱାବଲମ୍ବୀ ବ୍ୟକ୍ତିଟିଏ ଜନ୍ମ ନେବ ଭାରତ ପୁଣି ଉଠିବ । ଆମେ ବିବେକାନନ୍ଦଙ୍କ ଭଳି ନେତୃତ୍ୱ ନେବା ସହ ଭାରତବର୍ଷର ନବୀନ ଇତିହାସ ରଚନା କରିବା । ଅବଜ୍ଞା କରନି ପିତୃ ପୁରୁଷକୁ, ଆଖି ବୁଜି ଦିଅନି ଇତିହାସ ଆଡ଼େ। ମା'କଥା ମାନ, ମାତୃଭୂମି କଥାମାନ ଦେଶ ବଡ଼ ହୋଇଯିବ। ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ପୁଣି ବିଶ୍ୱଗୁରୁର ସ୍ଥାନ ନେବ। ସେହିପରି କାର୍ଯ୍ୟକ୍ରମର ଗରିମାମୟ ଉପସ୍ଥିତିରେ ଶିକ୍ଷା ବିକାଶ ସମିତି,ଓଡ଼ିଶାର ସଂଗଠନ ସଂପାଦକ ଶ୍ର ରମାକାନ୍ତ ମହାନ୍ତ କହିଥିଲେ ବିଦ୍ୟାଳୟକୁ ଛାତ୍ରଟିଏ ବିଦ୍ୟା ଅଧ୍ୟୟନ କରିବାର ଲକ୍ଷ ନେଇ ପ୍ରବେଶ କରେ ଏବଂ ସମାଜସେବାର ସଂକଳ୍ପ ନେଇ ପ୍ରସ୍ଥାନ କରିଥାଏ । ଅଧୁନା ଆମର ପୂର୍ବଛାତ୍ରମାନେ ନିଜର ଆଦର୍ଶବତା ,ଉଦାତ ବ୍ୟକ୍ତିତ୍ୱ, କର୍ତବ୍ୟ ନିଷ୍ଠା ବଳରେ ବିଶ୍ୱର ୭୫ଟି ଦେଶରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଆଜି ଲକ୍ଷାଧିକ ପୂର୍ବଛାତ୍ର ସମାଜର ନେତୃତ୍ୱ ନେଲେଣି । ବିଦ୍ୟା ଭାରତୀର ପୂର୍ବଛାତ୍ର ବିଶ୍ୱର ସର୍ବ ବୃହତ ପୂର୍ବଛାତ୍ର ସଂଗଠନ ଭାବେ ଗୌରବ ବହନ କରିଛନ୍ତି। ସେହିପରି ପୂର୍ବଛାତ୍ର ପରିଷଦର ପ୍ରାନ୍ତ ପ୍ରଭାରୀ ତଥା ଶିକ୍ଷା ବିକାଶ ସମିତି, ଓଡ଼ିଶାର କୋଷାଧକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବଛାତ୍ର ପରିଷଦର ଅଧକ୍ଷ ଡଃ କୁମାରେଶ ବେହେରା ଅଧ କ୍ଷ ଅଭିଭାଷଣ ପ୍ରଦାନ କରିଥିଲେ। ପରିଷଦର ଉପାଧକ୍ଷ ଓ ପରିଷଦର ସଦସ୍ୟ ଶ୍ରୀ ଆଦିତ୍ୟ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବଛାତ୍ରୀ ସୁଶ୍ରୀ ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ପୂର୍ବଛାତ୍ର ଶ୍ରୀ ମିହିର କୁମାର ପଟ୍ଟନାୟକ ବ୍ୟକ୍ତିଗତ ସଂଗୀତ ଗାନ କରିଥିଲେ। ପରିଷଦର ସଂପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ଯୁଗ୍ମ ସଂପାଦକ ଶ୍ରୀ ରଶ୍ମିରଞ୍ଜନ ଦାଶ, ଶ୍ରୀ ଅମିତ କୁମାର ସୁବୁଦ୍ଧି, ଉପାଧକ୍ଷ ଶ୍ରୀ ସୌମେନ୍ଦ୍ର ପାଢ଼ୀ ଓ ଅନ୍ୟ ସମସ୍ତ ସଂଭାଗ ପୂର୍ବଛାତ୍ରମାନଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା। ଏଥିରେ ୯୦ ଜଣ ପୂର୍ବଛାତ୍ର ପ୍ରତ୍ୟକ୍ଷ ଯୋଗଦାନ କରିଥିବା ବେଳେ । ୟୁଟୁବ ଏବଂ ଫେସବୁକ ଲାଇଭରେ ଶତାଧିକ ପୂର୍ବଛାତ୍ର ଯୋଗଦାନ କରିଥିଲେ।

## ଓଡ଼ିଶା ଟେଲିକମ୍ ମାଇକ୍ରୋୱେଭ ମଜଦୁର ସଂଘ କର୍ମଚାରୀମାନଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ

ଭୁବନେଶ୍ୱର,୨୫/୧ (ନି.ପ୍ର): ବି.ଏସ୍.ଏନ୍.ଏଲ୍ କର୍ମଚାରୀ କାଜୁଆଲ ମଜଦୁର ସଂଘ ସେମାନଙ୍କର ୯ ଦଫା ଦାବି ନେଇ ଆଜି ବି.ଏସ୍.ଏନ୍.ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଏହି ବିକ୍ଷୋଭ ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରହିବ ବୋଲିସେମାନେ ଘୋଷଣା କରିଥିଲେ। ବି.ଏସ୍.ଏନ୍.ଏଲ୍‌ର ଉଚ୍ଚ କର୍ତ୍ତୃପକ୍ଷ ସେମାନଙ୍କ ଦାବି ଏବଂ ସମସ୍ୟା ନେଇ ବର୍ଷ ବର୍ଷ ଧରି କର୍ଣ୍ଣପାତ କରୁନଥିବାରୁ ଏବଂ କୋର୍ଟରେ କେସ୍ ଥିବାର ବାହାନା ଦେଖାଇ ସେମାନଙ୍କ ଦାବି ପ୍ରତି ଅଣଦେଖା କରୁଥିବାରୁ କର୍ମଚାରୀମାନେ ନିଜର ଘୋର ଅସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭବିଷ୍ୟତକୁବି.ଏସ୍.ଏନ୍.ଏଲ୍ କର୍ତ୍ତୃପକ୍ଷ ଅନ୍ଧାରକୁ ଠେଲି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଟି.ଏସ୍.ଏମ୍ ମାନଙ୍କୁ ନିର୍ଦ୍ଦିଷ୍ଟ ସ୍କିମ୍‌ରେ ଅନ୍ତର୍ଭୁକ୍ତ କରିବା ସହ ଚାକିରୀ ନିୟମିତ କରିବା, ଟି.ଏସ୍.ଏମ୍ ମାନଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ କରିବା, ଟି.ଏସ୍.ଏମ୍ ମାନଙ୍କୁ ଅବସରକାଳୀନ ଭତ୍ତା, ମେଡ଼ିକାଲ ସୁବିଧା ଏବଂ ଗ୍ରାଚୁଇଟି ପ୍ରଦାନ କରିବା, ୨୦୨୧ ଜୁଲାଇ ଠାରୁ ଟି.ଏସ୍.ଏମ୍ ମାନଙ୍କୁ ବକେୟା ମହଙ୍ଗାଭତ୍ତା ପ୍ରଦାନ କରିବା, କୋଭିଡ଼ରେ ମୃତ୍ୟୁବରଣ କରିଥିବା କର୍ମଚାରୀମାନଙ୍କୁ ବିଭାଗ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା, ମହାସଂଘର ସାଧାରଣ ସମ୍ପାଦକଙ୍କୁ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରି ଆଣିବା, ଫୋନ୍ ମେକାନିକାଲ ପରୀକ୍ଷାର ଫଳ ତୁରନ୍ତ ପ୍ରକାଶ କରିବା, ଆଉଟଡ଼ୋର୍‌ରେ କାମ କରୁଥିବା ଟି.ଏସ୍.ଏମ୍ ମାନଙ୍କୁ ବିଭାଗ ତରଫରୁ ସେଲ୍ ଫୋନ୍ ଓ ନେଟ୍‌ପ୍ୟାକ ପ୍ରଦାନ କରିବା ଭଳି ପ୍ରମୁଖ ଦାବିଗୁଡ଼ିକୁ କର୍ତ୍ତୃପକ୍ଷ ମାନି ନେବା ପାଇଁ ଆନ୍ଦୋଳନ କରିଛନ୍ତି।

# ରାଜ୍ୟରେ ୫,୮୯୧ କରୋନା ପଜିଟିଭ ଚିହ୍ନଟ : ୮୫୨ ଜଣ ୧୮ ବର୍ଷରୁ କମ୍ ବର୍ଗର ସଂକ୍ରମିତ

ଭୁବନେଶ୍ୱର : ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫,୮୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୪୧୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୪୭୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୮୫୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫୦୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୦୬ ଜଣ, ବାଲେଶ୍ୱରରୁ ୨୩୪ ଜଣ, ବରଗଡ଼ରୁ ୮୫ ଜଣ, ଭଦ୍ରକରୁ ୯୪ ଜଣ, ବଲାଙ୍ଗୀରରୁ ୧୩୮ ଜଣ, ବୌଦ୍ଧ ଜିଲ୍ଲାରୁ ୯୩, କଟକରୁ ୪୮୨ ଜଣ, ଦେବଗଡ଼ରୁ ୬୧ ଜଣ, ଢେଙ୍କାନାଳରୁ ୧୩୩ ଜଣ, ଗଜପତିରୁ ୯୬, ଗଞ୍ଜାମରୁ ୭୫ ଜଣ, ଜଗତସିଂହପୁରରୁ ୧୦୮ ଜଣ, ଯାଜପୁରରୁ ୨୧୯ ଜଣ, ଝାରସୁଗୁଡ଼ାରୁ ୩୫ ଜଣ, କଳାହାଣ୍ଡିରୁ ୧୮୮ ଜଣ, କନ୍ଧମାଳରୁ ୭୩ ଜଣ, କେନ୍ଦ୍ରାପଡ଼ାରୁ ୧୧୪ ଜଣ, କେଉଁଝରରୁ ୧୩୭ ଜଣ, ଖୋର୍ଦ୍ଧାରୁ ୧୫୦୦ ଜଣ, କୋରାପୁଟରୁ ୧୨୮ ଜଣ, ମାଲକାନଗିରିରୁ ୫୨ ଜଣ, ମୟୁରଭଞ୍ଜରୁ ୨୧୮ ଜଣ, ନବରଙ୍ଗପୁରରୁ ୯୫, ନୟାଗଡ଼ରୁ ୨୦୫ ଜଣ, ନୂଆପଡ଼ାରୁ ୫୬ ଜଣ, ପୁରୀରୁ ୬୩ ଜଣ, ରାୟଗଡ଼ାରୁ ୧୨୫ ଜଣ, ସମ୍ବଲପୁରରୁ ୧୫୮ ଜଣ, ସୋନପୁରରୁ ୨୦, ସୁନ୍ଦରଗଡ଼ରୁ ୫୦୧ ଜଣ ଓ ଷ୍ଟେଟ ପୁଲରୁ ୨୯୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୧୭, ୮୪୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧,୩୧ , ୯୧୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୭, ୫୪୦ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସୂଚନାଯୋଗ୍ୟ, ଗତକାଲି ୭୯୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ



ହୋଇଥିବା ବେଳେ, ଜାନୁଆରି ୨୩ ତାରିଖରେ ୮,୫୨୦ ଜାନୁଆରି ୨୨ରେ ୮,୮୪୫ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ଏସ୍‌ବିଆଇର ସର୍ଭେ : ରାଜ୍ୟରେ କମୁଛି କରୋନା ସଂକ୍ରମଣ, ତୃତୀୟ ଲହରରେ ଗ୍ରାମାଞ୍ଚଳରେ ସର୍ବାଧିକ ସଂକ୍ରମଣ

ଭୁବନେଶ୍ୱର ,୨୫/୧ (ନି.ପ୍ର): ରାଜ୍ୟରେ ଏବେ କରୋନାର ଦୈନିକ ହଜାର ହଜାର ସଂକ୍ରମିତ ଚିହ୍ନଟ ହେଉଛନ୍ତି। କିନ୍ତୁ ସଂକ୍ରମଣ କମିବାକୁ ଲାଗିଛି। ମାତ୍ର କରୋନାର ତୃତୀୟ ଲହରରେ ରାଜ୍ୟର ଗ୍ରାମାଞ୍ଚଳରେ ସର୍ବାଧିକ ସଂକ୍ରମଣ ହୋଇଛି। ଏପରିକି ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ପ୍ରାୟ ଦେଢ଼ ଗୁଣ ଅଧିକ ରହିଛି। ନିକଟରେ ଏସ୍‌ବିଆଇ ପକ୍ଷରୁ ଦେଶବ୍ୟାପୀ ହୋଇଥିବା ଏକ ସର୍ଭେରେ ଓଡ଼ିଶା ବିଷୟରେ ଏଭଳି ତଥ୍ୟ ମିଳିଛି। ଦେଶର ୧୭ଟି ରାଜ୍ୟ ଭିତରେ ଗ୍ରାମାଞ୍ଚଳରେ ସର୍ବାଧିକ ସଂକ୍ରମଣ ହୋଇଥିବା ରାଜ୍ୟ ତାଲିକାରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ସର୍ଭେରୁ ମିଳିଥିବା ପରିସଂଖ୍ୟାନ ଅନୁସାରେ ଏହି ୧୭ଟି ରାଜ୍ୟରେ ହାରାହାରି ୩୩ ପ୍ରତିଶତ କରୋନା ସଂକ୍ରମଣ ଗ୍ରାମାଞ୍ଚଳରେ ହୋଇଛି। ମାତ୍ର ଓଡ଼ିଶାରେ ଏହା ୬୧ ପ୍ରତିଶତ। ରାଜସ୍ଥାନରେ ସର୍ବାଧିକ ୭୪.୮ ପ୍ରତିଶତ ଥିବା ବେଳେ ତାମିଲନାଡୁରେ ସବୁଠାରୁ କମ୍ ୧୪.୨ ପ୍ରତିଶତ ରହିଛି। ସେହିପରି ହାରହାରି ୬୭ ପ୍ରତିଶତ ସହରାଞ୍ଚଳରେ ସଂକ୍ରମଣ ଦେଖିବାକୁ ମିଳିଥିବା ବେଳେ ଓଡ଼ିଶାରେ ଏହା ୩୯ ପ୍ରତିଶତ ଦେଖିବାକୁ ମିଳିଛି। ଅପରପକ୍ଷରେ ଗ୍ରାମାଞ୍ଚଳରେ ଟିକାକରଣରେ ଓଡ଼ିଶା ଜାତୀୟ ହାରଠାରୁ ସାମାନ୍ୟ ଅଧିକ ରହିଛି। ୧୭ଟି ରାଜ୍ୟରେ ହାରହାରି ୮୩.୨ ପ୍ରତିଶତ ଗ୍ରାମାଞ୍ଚଳରେ ଟିକାକରଣ ହୋଇଥିବା ବେଳେ ଓଡ଼ିଶାରେ ଏହା ୮୩.୪ ପ୍ରତିଶତ ଓ ସହରାଞ୍ଚଳରେ ଦେଶବ୍ୟାପୀ ୧୬.୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୧୬.୬ ରହିଥିବା ସର୍ଭେରେ କୁହାଯାଇଛି। ତେବେ ଗ୍ରାମାଞ୍ଚଳରେ ଅଧିକ ସଂକ୍ରମଣ ହେବା ରାଜ୍ୟରେ ଓମିକ୍ରନ୍ ଜନିତ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଥିବା ଆଶଙ୍କାକୁ ବଢ଼ାଇ ଦେଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି ଯେ ଦେଶରେ ମେଟ୍ରୋ ସହରରେ ଓମିକ୍ରନ୍ ଗୋଷ୍ଠୀ ସଂକ୍ରମଣ ହୋଇଛି। ମାତ୍ର ଓଡ଼ିଶା ଏବେ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ମୁହାଁଇଛି। ଗୋଷ୍ଠୀ ସଂକ୍ରମଣ ହୋଇଛି ଅର୍ଥ ସ୍ଥାନୀୟ ଅଞ୍ଚଳରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। ମାତ୍ର ଆମ ରାଜ୍ୟରେ ଏହା କେତେ ପ୍ରତିଶତ ଛୁଇଁଲାଣି ତାହା ଜାଣିବା ଲାଗି ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। କିଛିଦିନ ତଳେ ହୋଇଥିବା ଜିମୋନ ସିକ୍ୱେନ୍ସିଂରେ ଏହା ୬୦ ପ୍ରତିଶତ ରହିଥିଲା। ଏବେ ନିଶ୍ଚୟ ବଢ଼ିଥିବ ବୋଲି ଆଶା କରାଯାଉଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ଜଣେ ବି ଓମିକ୍ରନ୍ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇନାହିଁ। ରାଜ୍ୟରେ ବହୁତ କମ୍ ସଂଖ୍ୟକ ସଂକ୍ରମିତ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ଯଦି ସାମାନ୍ୟ ଲକ୍ଷଣ ରହୁଛି ତା'ହେଲେ ଟେଷ୍ଟ କରାଇନେବା ଉଚିତ୍। ଟେଷ୍ଟ ନ କଲେ ଘରେ ଥିବା ଅନ୍ୟମାନଙ୍କୁ ମଧ ଏହା ସଂକ୍ରମିତ କରିବ। ରାଜ୍ୟରେ ସଂକ୍ରମଣ ତଳମୁହାଁ ହୋଇଛି ବୋଲି କହିହେବ ନାହିଁ। ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ଡା. ମିଶ୍ର କହିଛନ୍ତି। ଆଇସିଏମ୍ଆରର ପୂର୍ବତନ ଉପଦେଷ୍ଟା ଡା. ତ୍ରିଭୁବନ ମହାପାତ୍ର କହିଛନ୍ତି ଯେ ଓଡ଼ିଶାରେ ଓମିକ୍ରନ୍ ଗୋଷ୍ଠୀ ସଂକ୍ରମଣ ହୋଇନି ବୋଲି କହିବା ଠିକ୍ ନୁହେଁ। ଗ୍ରାମାଞ୍ଚଳର ଲୋକମାନେ ଅଧିକ ସଚେତନ ନୁହନ୍ତି କିମ୍ବା ସାମାନ୍ୟ ଲକ୍ଷଣ ଦେଖାଗଲେ ମଧ ଟେଷ୍ଟ କରିବାକୁ ପସନ୍ଦ କରି ନ ଥାନ୍ତି। ଯାହାଫଳରେ ରିପୋର୍ଟିଂ କମ୍ ହେଉଛି।

## ଗଣତାନ୍ତ୍ରିକ ଉଦାର ବଚନ...

(ପୃଷ୍ଠା-୩ର ଅବଶିଷ୍ଟାଂଶ)

ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ କେହି କୌଣସି ଦ୍ୱିଅର୍ଥ ବୋଧକ ମତ ପ୍ରକାଶ କରିପାରିବ ନାହିଁ । କାରଣ ୧୯୬୫ ମସିହାରେ ବିହାରର ରାମ ମନୋହର ଲୋହିଆ ବନାମ ରାଜ୍ୟରେ ସୁପ୍ରିମକୋର୍ଟ ଆଇନ ଶୃଙ୍ଖଳା, ଜନସାଧାରଣଙ୍କ ସୁରକ୍ଷା ଏବଂ ନିରାପତ୍ତା ବିଷୟରେ ଉତ୍କୃଷ୍ଟ ବ୍ୟାଖ୍ୟା ଦେଇଛନ୍ତି । କୋର୍ଟଙ୍କ ଅନୁଯାୟୀ, ତିନୋଟି ଧାରଣା ବା ସର୍କଲ୍ ଗଠନ କରାଯାଇଛି । ଯାହା ସବୁଠୁ ବଡ଼ ସର୍କଲ ହେଉଛି ଆଇନ ଏବଂ ବ୍ୟବସ୍ଥାର ସଠିକ୍ ପ୍ରଚଳନ, ଯେଉଁଥିରେ ସାର୍ବଜନୀନ ବ୍ୟବସ୍ଥାର ବ୍ୟବହାର । ଦ୍ୱିତୀୟ ସର୍କଲ ହେଉଛି ରାଜ୍ୟର ସୁରକ୍ଷା ପାଇଁ ପ୍ରଶାସନିକ ତତ୍ପରତା ତୃତୀୟ ସର୍କଲ ଯଦି ଘୃଣା ଓ ଶତ୍ରୁତା ପ୍ରଚାରିତ ହୁଏ ତାହାକୁ ଦମନ କରିବା ବ୍ୟବସ୍ଥା । ଉପରୋକ୍ତ ଏହି ତିନୋଟି ପ୍ରକ୍ରିୟା ପ୍ରଭାବିତ ହେବ ।ତଥାପି, ଏକ ବିବୃତ୍ତିକୁ ଘୃଣା ବକ୍ତବ୍ୟ ବୋଲି କହିବା ପୂର୍ବରୁ ଏହାର ପରିଚୟର କିଛି କାରଣ ବୁଝିବା ଆବଶ୍ୟକ ରହିଛି । ୨୦୧୭ରେ ୨୬୭ ତମ ରିପୋର୍ଟରେ ଭାରତର ଆଇନ ଆୟୋଗ ଏପରି କିଛି କାରଣ ଉଲ୍ଲେଖ କରିଛନ୍ତି । ଆୟୋଗଙ୍କ ଅନୁଯାୟୀ, ଯଦି ଏକ ବଚନର ବିବୃତ୍ତି ଆପତ୍ତିଜନକ ଏବଂ ଅତ୍ୟଧିକ ଭାବନା ଦ୍ୱାରା ପ୍ରେରିତ ହୁଏ, ତେବେ ଏହାକୁ କେବଳ ଘୃଣା ବିବୃତ୍ତି ଭାବରେ ଶ୍ରେଣୀଭୁକ୍ତ କରାଯିବ । ସେହିଭଳି, ଯଦି କୌଣସି ବିବୃତ୍ତି ହିଂସା ଦ୍ୱାରା ପ୍ରେରିତ ହୁଏ, ତେବେ ତାହାକୁ ଘୃଣା ଭାଷଣ ବା ବଚନ ଭିନ୍ନ ବକ୍ତବ୍ୟ ବୋଲି କୁହାଯାଇପାରିବ । ଏପରି ନୀତିହୀନ ବିବୃତ୍ତି ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ଏବଂ ପ୍ରସଙ୍ଗକୁ ବୁଝିବା ଏକାନ୍ତ ଆବଶ୍ୟକ । ଖରାପ ଶବ୍ଦ ସାମାଜିକ ଭାବକୁ ଛିନ୍ନ କରି ଦେଇପାରେ । ଏହାମନେ ରଖିବା ଉଚିତ୍ ଯେ ଆମ ସମାଜ ବହୁବଚନ ଅଟେ । ଏଥିରେ ସମସ୍ତଙ୍କ ଭାବନାକୁ ସମ୍ମାନ ଦେବା ଉଚିତ୍। ବହୁ ସଂସ୍କୃତି ରାଷ୍ଟ୍ରରେ ସଂସ୍କୃତିର ବିବିଧତା ଅନେକ ସମୟରେ ବିବାଦ ସୃଷ୍ଟି କରେ, ଯାହା ଜାତିର ଅଖଣ୍ଡତା ପାଇଁ କ୍ଷତିକାରକ ।

ଲୋକପ୍ରିୟ ରାଜନୀତି, ବଜାର ଅର୍ଥନୀତି, ପାଶ୍ଚାତ୍ୟ ଉପଭୋକ୍ତା, ବ୍ୟକ୍ତିଗତତା ଏବଂ ସ୍ୱାର୍ଥପରତା ହେତୁ ଆମେ ଯେଉଁ ପର୍ଯ୍ୟାୟରେ ଗତି କରୁଛେ, ଏହା ଏବେ ସାମାଜିକ, ମାନବିକ ନୈତିକ ମୂଲ୍ୟବୋଧର ଅବନତି ଯେ ଘଟାଉଛି ସ୍ୱୀକାର କରିବାକୁ ପଡ଼ିବ । ଯଦି ଆମେ ଏହାକୁ ବିକାଶ ପ୍ରସଙ୍ଗରେ ଦେଖିବା, ତେବେ ଏପରି ସମସ୍ତ ଭାବନା ସାମାଜିକ ପୁଞ୍ଜି କ୍ଷୟକୁ ନେଇଥାଏ । ଯାହା ଫଳରେ ବିବାଦର ସମ୍ଭାବନା ବଢ଼ିଯାଏ । ଫଳତଃ ସ୍ୱାଭାବିକ ଢଙ୍ଗରେ ଦେଶରେ ବିକାଶର ଗତି ମନ୍ଥର ପାଲଟି ଯିବା ନିଃସନ୍ଦେହ... !!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
(ମୋ) ୯୦୪୦ ୧୫୧୪ ୭୫

## ଭାରତର ସାଧାରଣତନ୍ତ୍ର...

(ପୃଷ୍ଠା-୫ର ଅବଶିଷ୍ଟାଂଶ)

ଏହା ପରେ ପରେ ରାଷ୍ଟ୍ରପତି ସେଠାରେ ଉପସ୍ଥିତ ହୋଇ ଜାତୀୟ ପତାକା ଉତ୍ତୋଳନ କରନ୍ତି। ପରେ ପରେ ଜାତୀୟ ସଂଗୀତ ବୋଲା ଯାଏ ଏବଂ ୨୧ଟି ତୋପ ସଲାମୀ ଦିଆଯାଏ। ଏହାପରେ କ୍ରମାନ୍ୱୟରେ ଚାଲେ ସୈନ୍ୟବାହିନୀର ତିନି ବିଭାଗ : ଜଳ, ସ୍ଥଳ ଓ ଆକାଶ ବାହିନୀର ମାର୍ଚ୍ଚଫାଷ୍ଟ। ସେମାନେ ସମସ୍ତେ ନିଜସ୍ୱ ସାମରିକ ଶୈଳୀରେ ସୁନ୍ଦର ଭାବରେ ଅନୁମୋଦିତ ପୋଷାକ ଦ୍ୱାରା ଶୋଭିତ ଥାଆନ୍ତି। ସେମାନେ ରାଷ୍ଟପ୍ରତିଙ୍କୁ ସଲାମୀ ବା ସାଲ୍ୟୁଟ୍ ଜଣାନ୍ତି ଏବଂ ରାଷ୍ଟ୍ରପତି ଏହି ଅଭିବାଦନ ଗ୍ରହଣ କରନ୍ତି। ରାଷ୍ଟ୍ରପତି ହେଉଛନ୍ତି ସାମରିକ ବିଭାଗର ସର୍ବୋଚ୍ଚକର୍ତ୍ତା। ସେମାନଙ୍କ ସାଙ୍ଗକୁ ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ବଛାବଛି ହୋଇ ଆସିଥିବା ଏନ୍.ସି.ସି., ଏସି.ସି. ଗାଇଡ୍ ଏବଂ ସ୍କାଉଟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥାନ୍ତି। ଏହାପରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ତୋରଣ , ମେଢ଼ ଓ ପରେଡ଼ମାନଙ୍କର ଆକର୍ଷଣୀୟ ପ୍ରଦର୍ଶନ କରାଯାଏ। ଏହି ଅବସରେ ସୈନ୍ୟବିଭାଗ ତଥା ଅନ୍ୟାନ୍ୟ ଦୁଃସାହାସିକ କାର୍ଯ୍ୟପାଇଁ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ଉପାଧି ଓ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥାଏ। ଏହି ସମୟରେ ଆକାଶ ବାହିନୀର ଲଢୁଆ ଉଡ଼ାଜାହଜମାନଙ୍କର ଆକାଶରେ ଫ୍ଲାଗଫାଷ୍ଟ ଚାଲିଥାଏ ଏବଂ ସେମାନେ ଆକଶମାର୍ଗରୁ ଏହି ଉତ୍ସବକୁ ଆକାଶ ମାର୍ଗରୁ ପୁଷ୍ପ ବୃଷ୍ଟି ଦ୍ୱାରା ଅତ୍ୟନ୍ତ ଚମତ୍କୃତ ଏବଂ ଉପଭୋଗ୍ୟ କରିଥାଆନ୍ତି।

ଅନୁରୂପ ଉତ୍ସବମାନ ରାଜ୍ୟ ରାଜଧାନୀମାନଙ୍କରେ ଚାଲେ। ରାଜ୍ୟ ରାଜଧାନୀରେ ରାଜ୍ୟପାଳମାନେ ଅଭିବାଦନ ଗ୍ରହଣ କରନ୍ତି। ତାଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀ, ଅନ୍ୟସ୍ଥାନ ମାନଙ୍କରେ ମନ୍ତ୍ରୀ ବା ଅଫିସରମାନେ ଅଭିବାଦନ ଗ୍ରହଣ କରନ୍ତି। ଏହିଦିନ ରାଷ୍ଟ୍ରପତି ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ରଖିଥା'ନ୍ତି। ତେବେ ଉତ୍ସବ ଆରମ୍ଭରେ ଅମର ଶହୀଦମାନଙ୍କ ପ୍ରତି ସ୍ମୃତିଚାରଣ କରାଇଥାନ୍ତି। ଏହି ଦିନର ସମସ୍ତ କାର୍ଯ୍ୟକ୍ରମ ଦୂରଦର୍ଶନ ଏବଂ ଆକାଶବାଣୀ ମାଧ୍ୟମରେ ଦେଶସାରା ପ୍ରଦର୍ଶିତ ଓ ପ୍ରଚାରିତ ହୁଏ ଏବଂ ଏହଦିନ ଦେଶର ସର୍ବତ୍ର ସରକାରୀ ବା ବେସରକାରୀ କାର୍ଯ୍ୟାଳୟରେ ବା ଦପ୍ତରରେ ଏମିତିକି ସର୍ବ ସାଧାରଣ ସ୍ଥାନମାନ ଉତ୍ସବ ମୁଖରିତ ଥାଏ। ଏହା ଆମପାଇଁ ଏବଂ ଦେଶର ଭବିଷ୍ୟତ ପାଇଁ ଏକ ମହାନ୍ ପରମ୍ପରା ହୋଇ ପାଳିତ ହେଉଅଛି ଏବଂ ହେଉଥିବ। ବିଭିନ୍ନତା ମଧ୍ୟରେ ଏକତା ଓ ସଂହତିର ମହାନ ଜାତୀୟତା ଭାବ ବହନକରେ ଏଇ ଭାରତର ସାଧାରଣତନ୍ତ୍ର ଦିବସ ୨୬ ଜାନୁୟାରୀ।

ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

## ପୌରାଣିକ ରାଣୀ ହଂସା ପୋଖରୀର ପୁନରୁଦ୍ଧାର ପାଇଁ ଦାବି

ଲଙ୍ଗଳେଶ୍ୱର, ୨୫/୦୧ (ନି.ପ୍ର.): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ ର କାଳସିମୁଳି ଗ୍ରାମର ବହୁ ଚର୍ଚ୍ଚିତ ପୌରାଣିକ ପୋଖରୀ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେଇଗଲାଣି । ରାଜା ମାନଧାତା ଅମଳର ଏଇ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିହେଉଛି। ପୋଖରୀ ଖୋଳା ନ ହେବାରୁ ଏହା ଉପରେ ଆଖପାଖ ଆଦିବାସୀ ସାହି, ଦାସ ସାହି, ପାତ୍ର ସହି ଇତ୍ୟାଦି ସାହିର ଶହ ଶହ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଦୀର୍ଘ ପନ୍ଦର ବର୍ଷ ତଳେ ପଞ୍ଚାୟତ ତରଫରୁ ଅଳ୍ପ ଖୋଳା ଯାଇଥିଲା । ବର୍ଷା ହେବା ଯୋଗୁଁ ସମ୍ପୂର୍ଣ୍ଣ ଖୋଳାଯାଇ ପାରି ନଥିଲା। ବ୍ଲକର ଏନ ଆର ଜି ଏସ ସ୍କିମ ରେ ଅନ୍ୟ ପୋଖରୀ ସବୁ ଖୋଳା ହେବା ସହିତ ସୌନ୍ଦର୍ଯ୍ୟ କରଣ କରାଯାଉଥିବା ବେଳେ ସ୍ଥାନୀୟ ନେତା ମାନକର ଆନ୍ତରିକତା ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ,ରାଜା ମାନଧାତା ଙ୍କ ରାଣୀ ପ୍ରତିଦିନ ରାତିରେ ଦ୍ୱାରିକେଶ୍ୱରୀ ଠାକୁରାଣୀଙ୍କ ସହିତ ଏଠାକୁ ଗାଧୋଇବା ପାଇଁ ଆସୁଥିଲେ ।ପୋଖରୀ କୂଳରେ ପଡିଥିବା ନିର୍ଦ୍ଧିଷ୍ଟ ପାହାଚ ଭଳି ହୋଇଥିବା ପଥରରେ ବସି ହଳଦୀ ମାଖି ଗାଧୋଉ ଥିଲେ ।ଏଯାଏଁ ସେ ପଥର ପଡିଛି । କିନ୍ତୁ ଏତେ ଗଭୀରକୁ ଏ ପଥର ପୋତା ଯାଇଛି ଯେ ଆଜି ଯାଏଁ କେହି ଖୋଳା ଖୋଲି କରି ଶେଷ ଯାଏଁ ଖୋଳି ପାରି ନାହିଁ। ପୂର୍ବରୁ କାହାର କିଛି ଉତ୍ସବ ହେଲେ ଥାଳି ତାଟିଆ ଠାରୁ ଆରମ୍ଭ କରି ବାଲଟି ଗାଗରା ଯାଏଁ କାଗଜରେ ଲେଖି ଦେଇଆସିଲେ ପରଦିନ ପୋଖରୀ ଭାସୁଥିଲା ।କାମ ସରିଲେ ସେ ଗୁଡିକୁ ଫେରେଇ ଦେବାକୁ ପଡୁଥିଲା। କିଛି ଲୋକ ବେଇମାନି କିଛି ଜିନିଷ ରଖିଦେବା ଦ୍ୱାରା ସେବେଠୁ ଆଉ ବନ୍ଦ ହୋଇଯାଇଛି। ଏଇ ପୌରାଣିକ ପୋଖରୀ ଏ ଅଞ୍ଚଳରେ ଖ୍ୟାତ। ରାଣୀଙ୍କର ଏଇ ପଥର ଏବଂ ପୋଖରୀ ଦେଖିବାକୁ ଏବେବି ବହୁ ଦୂରରୁ ଲୋକେ ଆସନ୍ତି। ତେବେ ଏଭଳି ଖ୍ୟାତନାମା ପୋଖରୀର ପୁନରୁଦ୍ଧାର କରିବା ସହିତ, ଆଡ଼ିକୁ ଜବର ଦଖଲ ଉଚ୍ଛେଦ କରିବାକୁ ସାଧରଣରେ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳିତ




ଭଦ୍ରକ, ୨୫/୦୧ (ନି.ପ୍ର): ମତଦାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ୨୦୧୧ ମସିହା ଠାରୁ ପ୍ରତିବର୍ଷ ଜାନୁୟାରୀ ୨୫ରେ ପାଳିତ ହୋଇ ଆସୁଥିବା ଜାତୀୟ ମତଦାତା ଦିବସକୁ ଆଜି ଭଦ୍ରକ ଜିଲ୍ଲାସ୍ତରରେ ସଦ୍‌ଭାବନା ଗୃହରେ ପାଳନ କରାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଏହି ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହିତ ସରକାରୀ ନିର୍ଦ୍ଦେଶମତେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ମତଦାନ ଅଧିକାର ସାବ୍ୟସ୍ତ କରିବା ନେଇ ସଚେତନତା ସୃଷ୍ଟି କରିଆରେ ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗନେବାକୁ ଉତ୍ସାହିତ କରିବା ଲାଗି ଏହି କାର୍ଯ୍ୟକ୍ରମ ବୋଲି ସେ ପ୍ରକାଶ କରିଥିଲେ । ଭୋଟର ସଚେତନ ହେଲେ ଦେଶର ବିକାଶ ସମ୍ଭବ ହୋଇଥାଏ । ଏହି ଦିବସ ପାଳନ ଉପଲକ୍ଷେ ଜିଲ୍ଲାସ୍ତରରେ ଆୟୋଜନ କରାଯାଇଥିବା ବକ୍ତୃତା, ଚିତ୍ରାଙ୍କନ ଏବଂ କ୍ୱିଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । କୋଭିଡ୍ କଟକଣା ଆଧାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଅଳ୍ପ କେତେଜଣ ନୂତନ ଯୁବ ଭୋଟରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଭୋଟର ପରିଚୟ ପତ୍ର ବଣ୍ଟନ କରାଯିବା ସହିତ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବି.ଏଲ୍.ଓ.ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ନିର୍ବାଚନ ଦାୟୀତ୍ୱରେ ଥିବା ଡେ଼ପୁଟୀ କଲେକ୍ଟର କସ୍ତୁରୀବାଳା ଜେନା, ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି, ଭୂତତ୍ତ୍ୱବିତ୍ ସୁଶ୍ମିଳା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

## ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ସିରିଜ ଦୁର୍ଘଟଣା ଘଟାଇଲା କାର



ବସ୍ତା, ୨୫/୦୧ (ନି.ପ୍ର): ବସ୍ତା ଥାନା ୬୦ ନ ଜାତୀୟ ରାଜପଥ କଟିପୋଲ ନିକଟରେ ଆଜି ଏକ ବାଇକ୍ ଚାଳକ କୁ ବଞ୍ଚାଇବାକୁ ଯାଇ କାର ସିରିଯ ଦୁର୍ଘଟଣା ଘଟାଇଥିବା ଦେଖିବାକୁ ମିଳିଛି। ମଥାନୀ ପ୍ରଜେକ୍ଟ ପଟ ଶାଖା ରାସ୍ତାରୁ ଆସୁଥିବା ବାଇକ୍ ଦୃତ ଗତିରେ ରାଜପଥକୁ ଆସିଥିଲା, ଜଳେଶ୍ୱର ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ କଳା ରଙ୍ଗର ଓଡ଼ି୧୧ଏକ୍ସ୬୯୮୨ ମାରୁତି ସ୍ୱିଫ୍ଟ କାର ବଞ୍ଚାଇବାକୁ ଯାଇ କାର କୁ ଡାହାଣ ପଟକୁ କାଟି ବାରୁ ନିୟନ୍ତ୍ରଣ ହରାଇ କାର ଟି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ୍ ଓଆର୦୪ କେ ୯୯୭୩ ର ଡିଜେଲ ଟ୍ୟାଙ୍କ କୁ ଧକା ଦେଇଥିଲା । ଘଟଣା ସ୍ଥଳରେ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ ମାତ୍ର କାର ରେ ଥିବା ଯାତ୍ରୀ ଅଳ୍ପ ଆହତ ହୋଇଥିଲେ। ଆହତ ଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ଅଣାଯାଇଥିଲା। ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର କୁ ଉଦ୍ଧାର କରି ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି।

## ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବଧି ଶେଷ : ମୋଟ ୬୭ ପ୍ରାର୍ଥୀପତ୍ର ପ୍ରତ୍ୟାହାର

ନୀଳଗିରି, ୨୫/୦୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଅନ୍ତିମ ଦିବସରେ ନୀଳଗିରି ବ୍ଲକର ୨୫ଗୋଟି ପଂଚାୟତରୁ ସରପଂଚ ୧୦, ସମିତିସଭ୍ୟ ୧୨ ଏବଂ ୱାର୍ଡସଭ୍ୟ ୪୫ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବ୍ଲକ ସୂତ୍ରରୁ ସୂଚନା ମିଳିଛି। ସୂଚନାଅନୁଯାୟୀ ତେଲିପାଳ ପଂଚାୟତରୁ ସମିତିସଭ୍ୟ ପାଇଁ ୩ଜଣ, ସିଆଡ଼ିମାଳରୁ ୨ଜଣ, ତେନ୍ତୁଳିଆ ରୁ ଜଣେ, ମାଟିଆଳି ଗ୍ରା.ପ. ରୁ ଜଣେ , ଜଡ଼ିଦା ଗ୍ରା.ପ. ରୁ ଜଣେ, ଭଉଁରିଆବାଡ଼ ଗ୍ରା.ପ.ରୁ ଜଣେ, ଅଯୋଧ୍ୟା, ପିଠାହତା, ଏବଂ କାଂଶ ଗ୍ରା.ପ.ରୁ ଜଣେ ଲେଖାଏଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ସରପଂଚ ପଦ ପାଇଁ ସିଆଡ଼ିମାଳ, ଭଉଁରିଆବାଡ଼ ଓ ନରଣପୁର ଗ୍ରା.ପ.ରୁ ୨ଜଣ ଲେଖାଏଁ, ଗରଡିହି, ନରସିଂହପୁର, କାଂଶ ଓ ମହିଷାପଟା ଗ୍ରା.ପ.ରୁ ଜଣେ ଲେଖାଏଁ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିବା ବେଳେ ୨୫ଟି ପଂଚାୟତରୁ ମୋଟ ୪୫ଜଣ ୱାର୍ଡ ସଭ୍ୟ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି । ନୀଳଗିରି ର ୩ଟି ଜିଲ୍ଲାପରିଷଧ ଜୋନ ଓ ଔପଦା ବ୍ଲକର ୨ଟି ଜୋନ୍ ପାଇଁ ମୋଟ ୨୫ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାୟମ ରହିଥିବା ଜଣାପଡ଼ିଛି ।

## ହୃଦଘାତରେ ଡାକ କର୍ମଚାରୀ ମୃତ

ନୀଳଗିରି, ୨୫/୦୧ (ନି.ପ୍ର): ନୀଳଗିରି କଦମସାହି ଅଂଚଳର ଡାକ ବିଭାଗର କର୍ମରତ ଜଣେ ୫୦ବର୍ଷୀୟ ଯୁବକଙ୍କର ମୃତ୍ୟୁରେ ସମଗ୍ର ନୀଳଗିରି ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ ନୀଳଗିରି କଦମସାହି ଅଂଚଳର ୰ରବିନ୍ଦ୍ର କୁମାର ନାୟକଙ୍କ ୫୦ବର୍ଷୀୟ ପୁଅ ବିଜେନ୍ଦ୍ର ନାୟକ ନିଜ ବାଡ଼ିପଟ ସାଗକିଆରିରେ କାମ କରୁଥିବା ଶ୍ରମିକମାନଙ୍କ ସହ ଦେଖାକରି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରକୁ ଫେରୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇ ଥିଲେ । ଆସନ୍ତାକାଲି ନିଜ ଘରର ଛାତ ପଡ଼ିବା ପାଇଁ ସ୍ଥିର ହୋଇଥିବା ବେଳେ ଛାତ ଉପରେ କାମ କରୁଥିବା ଲେବର ଏବଂ ମିସ୍ତ୍ରୀ ବିଜେନ୍ଦ୍ର ତଳେ ପଡ଼ିଯିବା ଦେଖି ତୁରନ୍ତ ତାଙ୍କୁ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ । ବିଜେନ୍ଦ୍ର ସମଗ୍ର ନୀଳଗିରି ଅଂଚଳର ଜଣେ ମେଳାପି, ମିଷ୍ଟଭାଷୀ ସ୍ୱାଭାବର ଥିବାରୁ ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ରେଳ ଲେଭେଲ କ୍ରସିଂ ମରାମତି : ୨ ରାତି ଯାତାୟାତ ବନ୍ଦ

ଜଳେଶ୍ୱର ୨୫/୧(ନି.ପ୍ର): ଜଳେଶ୍ୱର ନୂଆବଜାର ନିକଟ ଦେଇ ଯାଇଥିବା ରେଳ ଲେଭେଲ କ୍ରସିଂର ମରାମତି ଆଳରେ ଦୁଇ ରାତି ସମସ୍ତ ଯାନ ଯାତାୟାତ ବନ୍ଦ କରାଯିବା ସମ୍ପର୍କରେ ଏକ ବିଜ୍ଞାପନ ପ୍ରକାଶ ପାଇଛି । ଲେଭେଲ କ୍ରସିଂ ରାସ୍ତାଟି ମରଣଯନ୍ତା ପାଲଟିଥିବାରୁ ମରାମତି ଏକାନ୍ତ ଆବଶ୍ୟକ ଥିଲା । ପୂର୍ବରୁ ଏ ସମ୍ପର୍କରେ ସୂଚନା ନ ଥାଇ ଏବେ ରେଳ ଧାରଣା ନିକଟରେ ୨୫ ତାରିଖ ସଂଧ୍ୟାରୁ ୨୬ତାରିଖ ସକାଳ ଓ ୨୮ ତାରିଖ ସଂଧ୍ୟାରୁ ୨୯ ତାରିଖ ସଂଧ୍ୟା ପର୍ଯ୍ୟନ୍ତ ସଡକ ରାସ୍ତାରେ ସମସ୍ତ ଯାନବାହନ ଚଳଚାଳ ବନ୍ଦ ରହିବ ବୋଲି ଲେଖା ଯାଇଛି। ପ୍ରକାଶଯୋଗ୍ୟ ଏହା ଜଳେଶ୍ୱର ବାସିଙ୍କ ଏକମାତ୍ର ସବୁଦିନିଆ ରାସ୍ତା । ଏହି ରାସ୍ତାରେ ଜଳେଶ୍ୱରରୁ ଦିଘା, ଚନ୍ଦନେଶ୍ୱର, ଭୋଗରାଇ, ଏଗ୍ରା, ମୋହନପୁରକୁ ଯାତାୟାତ ହୋଇଥାଏ । ସେହିପରି ଜଳେଶ୍ୱର ସହରର ଡାକ୍ତରଖାନା ବିଭିନ୍ନ କାର୍ଯ୍ୟାଳୟ ଇତ୍ୟାଦି ଯିବାଲାଗି ଏକମାତ୍ର ବିକଳ୍ପ ରାସ୍ତା ଅଟେ । ସଂଧ୍ୟାରୁ ରାତି ୧୦ ଟା ମଧ୍ୟରେ ରାସ୍ତା ବନ୍ଦ ନ କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି ।

## ରାଜଧାନୀରେ ୨୪ ଘଂଟାରେ ୧୩୦୩ ପଜିଟିଭ୍

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ମଙ୍ଗଳବାର ଆଉ ୧୩୦୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫୨ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୫୧ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୬୪୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୯୨୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୪୫୭୪୭ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୪୨୧୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ରାଜ୍ୟ ପୋଲିସ ମୁଖ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ

କଟକ, ୨୫/୦୧ (ନି.ପ୍ର): ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇଜି (ହେଡକ୍ୱାଟର୍ସ) ସମସ୍ତ ଅଧିକାରୀ/କର୍ମଚାରୀଙ୍କୁ ଭାରତୀୟ ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବାକୁ ଶପଥ ପାଠ କରାଇଛନ୍ତି ।

## ପୁଅ ଭୁଲିଗଲା ରକ୍ତ ସମ୍ପର୍କ : ଫେରିବା ବାଟକୁ ଚାହିଁବସିଛନ୍ତି ପରିବାର

ଜଳେଶ୍ୱର, ୨୫/୧(ନି.ପ୍ର): କାଳର କରାଳ ଚକ୍ରରେ ପଡି ଜନୈକ ଯୁବକ ପରିବାରର ରକ୍ତ ସମ୍ପର୍କୀୟଙ୍କୁ ଭୁଲି ଅଫେରା ରାସ୍ତାରେ ପାଦ ଦେଇଥିବାରୁ ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ, ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡିର ସରିଶା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା । ଉତ୍ତମ କୁମାର ପଣ୍ଡା (୩୫) ଉତ୍ତର ହରିଆନାର ଏକ ଔଷଧ କମ୍ପାନୀରେ ଲେବରୋଟରୀ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରି ଆସୁଥିଲେ । ସେ ବିବାହିତ ଓ ତାଙ୍କର ୧ ବର୍ଷର ଝିଅ ଥିବା ଜଣାଯାଇଛି । ଗତ କିଛିଦିନ ତଳେ ଛୁଟିରେ ସେ ଗାଁକୁ ଆସିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଶ୍ୱଶୁର ଘରେ ରହିଥିଲେ । ଗତ ୨ ଦିନ ତଳେ ସେ ଘରୁ ନାମ୍ପୋ ଏଟିଏମ୍‌କୁ ଯାଇଥିବାର ଘରେ କହିଥିବା ବେଳେ ମଧ୍ୟରାତ୍ର ସୁଦ୍ଧା ନ ଫେରିବାରୁ ଘରଲୋକେ ଖୋଜାଖୋଜି କରିଥିଲେ । ଫୋନ୍ କରିବାରୁ ତାହା ଘରେ ବାଜିବାରୁ ଘରଲୋକେ ତାଙ୍କର ଫୋନ୍ ଓ ଅନ୍ୟଏକ ଚିଠି ଶୋଇବା ବିଛଣାରୁ ପାଇଥିଲେ । କିନ୍ତୁ ଏହି ଚିଠିରେ କେତେକ ମରମଭରା, ସମବେଦନଶୀଳ ଘଟଣା ଲେଖା ଯାଇଥିବାରୁ ଏହା ଆଲୋଚ୍ୟର ବିଷୟବସ୍ତୁ ହୋଇଛି । ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଭୁଲ ନ ବୁଝିବା ଏବଂ ଅଜଣାରୋଗରେ ପିଡିତ ଥାଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଏବଂ ଝିଅର ପାଠପଢା ଓ ପରିବାର ଲୋକଙ୍କ ସଂପର୍କରେ ବୁଝାବୁଝି କରିବା ଚିଠିରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ତାଙ୍କୁ ନ ଖୋଜିବାକୁ ଚିଠିରେ ଲେଖାଯାଇଛି। ଏଥିନେଇ ଉତ୍ତମଙ୍କ ବାପା ନାମ୍ପୋ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଉତ୍ତମ ତାଙ୍କର ରୋଗ ସଂପର୍କରେ ପୂର୍ବରୁ କାହିଁକି ଘରକୁ ସୂଚନା ନ ଦେବା, ସମସ୍ତଙ୍କ ଅଗୋଚରରେ ନିଖୋଜ ହେବା, ସେ ଘରେ ଥିବା ବେଳେ ସ୍ତ୍ରୀ ଓ ପିଲା ଘରକୁ ନ ଆସିବା ଇତ୍ୟାଦି ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଉତ୍ତମ ନିଜର ଝିଅ ଓ ଜନ୍ମକଲା ମାଉ ସମ୍ପର୍କକୁ ଭୁଲିଥିବା ବେଳେ ପରିବାର ଲୋକେ ତାର ଅଫେରା ରାସ୍ତାକୁ ଚାହିଁ ବସିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କୋଟିଆରେ ହେବ....

ଦୁଇ ଦିନର କସରତ ପରେ ସ୍ୱାଧୀନ ପ୍ରାର୍ଥୀ ସବିନା ଗୁଡିଆ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ । ହେଲେ ଟିକାଇ ଗେମେଲ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନକରିବାରୁ, ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ହେବ ଟକ୍କର । ଅଭିଯୋଗ ହୋଇଛି, ଆନ୍ଧ୍ରର ଦଲାଲ୍ ଓ ଏଜେଂଟଙ୍କ କଥାରେ ପ୍ରାର୍ଥୀତ୍ୱରୁ ଓହରିଲେ ନାହିଁ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ । ପ୍ରଥମେ ସେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଥିଲେ । ପରେ ଆନ୍ଧ୍ର ଏଜେଂଟଙ୍କ ସମର୍ଥନ ତାଙ୍କ ପ୍ରତି ରହିଥବା କୁହାଯାଉଛି । ତେବେ ଆନ୍ଧ୍ରକୁ ଏହି ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି ସର୍ବଦଳୀୟ ନେତା । ଚୟନ ଭିତିରେ ଜିଲ୍ଲା ପରିଷଦ ସଦସ୍ୟ ନିର୍ବାଚନ କରି ଆନ୍ଧ୍ରକୁ ଏକତାର ବାର୍ତା ଦେବାକୁ ଜୋରଦାର ଉଦ୍ୟମ କରାଯାଇଥିଲା । ମଙ୍ଗଳବାର ଦିନତମାମ କୋରାପୁଟର ନେତାମାନେ ବୈଠକ କରିଥିଲେ । ତେବେ ଶେଷ ମୁହୂର୍ତ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲଙ୍କୁ ମନାଇ ପାରିନଥିଲେ । ପୂର୍ବରୁ ଆନ୍ଧ୍ର ଅଗଣତାନ୍ତ୍ରିକ ଭାବେ ନିର୍ବାଚନ କରିସାରିଛି । କୋଟିଆ ପଂଚାୟତରେ ୧୩ଟି ୱାର୍ଡ ମେମ୍ବର, ଗୋଟିଏ ସରପଂଚ, ଗୋଟିଏ ସମିତି ସଭ୍ୟ ଓ ଗୋଟିଏ ଜିଲ୍ଲା ପରିଷଦ ପଦବୀ ରହିଛି । ସମିତି ସଭ୍ୟ ଅପ୍ରତିଦ୍ୱନ୍ଦୀ ଥିବା ବେଳେ ସଂରପଂଚ ପଦବୀ ପାଇଁ ୭ ଜଣ ମଇଦାନକୁ ଓହ୍ଲାଇଛନ୍ତି ।

### ପଂଚାୟତ ନିର୍ବାଚନ : ନାମାଙ୍କନ....

ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ ନକରନ୍ତି, ତାହେଲେ ସରପଂଚ ଓ ୱାର୍ଡମେମ୍ବର ପଦବୀ ନିମନ୍ତେ ସଂପୃକ୍ତ ଉପଜିଲ୍ଲାପାଳ ଖାଲି ରହିଥିବା ପଦବୀ ନିମନ୍ତେ ପ୍ରାର୍ଥୀଙ୍କୁ ମନୋନୀତ କରିବେ ଏବଂ ପଂଚାୟତ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ କ୍ଷେତ୍ରରେ ଖାଲି ରହିଥିବା ପଦବୀ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ପଂଚାୟତିରାଜ ବିଭାଗ ପକ୍ଷରୁ ପ୍ରାର୍ଥୀ ମନୋନୟନ କରାଯିବ । ଉଲ୍ଲେଖ୍ୟଯୋଗ୍ୟ ଯେ ପଂଚାୟତ ନିର୍ବାଚନ ପାଇଁ ଦାଖଲ ହୋଇଥିବା ୨ ଲକ୍ଷ ୨୦ ହଜାର ୪୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଛି। ସେଥିମଧ୍ୟରୁ ସରପଂଚ ପଦବୀ ପାଇଁ ୩୨ ହଜାର ୮୬୦ ଜଣଙ୍କ ପ୍ରାର୍ଥିପତ୍ର କାଏମ୍ ରହି ଥିବାବେଳେ ୱାର୍ଡ ସଭ୍ୟ ପଦବୀ ପାଇଁ ୧ ଲକ୍ଷ ୫୬ ହଜାର ୭୫୩ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ତେବେ ନାମାଙ୍କନ ପତ୍ର ଯାଂଚ ବେଳେ ମାତ୍ର ୮ ହଜାର ୬ ଶହ ୪୮ ଜଣଙ୍କ ନାମାଙ୍କନ ପତ୍ର କଟି ଯାଇଥିବା ସୂଚନା ମିଳିଛି।

## ବିଜେପିର କାଳିମେଳା ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଅପହରଣ !

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ୧୯୯୭ ମସିହାରୁ କ୍ରମାଗତ ୫ ଥର ମାଲକାନଗିରି ଜିଲ୍ଲା କାଳିମେଳା ୨ ନମ୍ବର ଜିଲ୍ଲା ପରିଷଦ ଜୋନକୁ ବିଜେପି ନିଜ ଦଖଲରେ ରଖିଆସିଛି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଉଚ୍ଚ ଶିକ୍ଷିତା ଶ୍ରୀମତୀ ରିନା କବାସିଙ୍କ ଗତ ଦୁଇ ଦିନ ହେଲା କୌଣସି ପତା ମିଳୁ ନାହିଁ। ଶ୍ରୀମତୀ କବାସିଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ ବିଜେଡିର ଗୁଣ୍ଡା ଶ୍ରୀମତୀ କବାସିଙ୍କୁ ତାଙ୍କ ଘରୁ ଦୁଇ ଦିନ ପୂର୍ବେ ଅପହରଣ କରି ଅଜଣା ସ୍ଥାନରେ ଲୁଚାଇ ରଖିଛନ୍ତି। ଏପରିକି ତାଙ୍କ ମୋବାଇଲକୁ ବନ୍ଦ କରି ରଖାଯାଇଥିବା କାରଣରୁ କୌଣସି ସନ୍ଧାନ ମିଳୁନାହିଁ । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଶ୍ରୀମତୀ କବାସି ଏବଂ ତାଙ୍କ ପରିବାରକୁ ବାରମ୍ବାର ଧମକ ଦିଆଯାଉଛି । ଶାସକ ବିଜେଡିର ଏତାଦୃଶ କାର୍ଯ୍ୟକଳାପ ଧରା ପଡିବା ପରେ ଘଟଣାକୁ ଚାପି ଦେବା ପାଇଁ ଶ୍ରୀମତୀ କବାସିଙ୍କ ପରିବାରକୁ ଅର୍ଥ ପ୍ରଲୋଭନ ଏବଂ ପରେ ଧମକ ମଧ୍ୟ ଦିଆଯାଇ ଚୁପ୍ ରହିବା ପାଇଁ ବାଧ କରାଯାଉଛି । ଏପରିକି ମାରିଦେବାର ମଧ ଧମକ ଦିଆଯାଇଛି । ଶ୍ରୀମତୀ କବାସିଙ୍କ ଜୀବନ ପ୍ରତି ବର୍ତମାନ ବିପଦ ଦେଖାଯାଇଛି । ପଂଚାୟତ ନିର୍ବାଚନକୁ ଅବାଧ, ଭୟମୁକ୍ତ, ନିରପେକ୍ଷ କରିବା ଦାୟୀତ୍ୱ ହେଉଛି ରାଜ୍ୟ ନିର୍ବାଚନ କମିଶନଙ୍କର । ଶାସକ ଦଳ ଏବଂ ତାଙ୍କ କାର୍ଯ୍ୟକର୍ତାଙ୍କ ଏଭଳି ହୀନ ଓ ଘୃଣ୍ୟ କାର୍ଯ୍ୟ ପ୍ରତି ରୋକ ଲଗାଇବା ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବିଜେପି ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମୀରେଖା ଦାସ, ଲିଗାଲ ସେଲର ରବିଶଂକର ପଟ୍ଟନାୟକ, ହିତେଶ ମହାପାତ୍ର ଓ ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଆରପିଏନ୍ ସିଂହ ବିଜେପିରେ ମିଶିବା ପାର୍ଟି ପାଇଁ ଏକ ଶୁଭ ସଂକେତ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୫/୦୧ (ନି.ପ୍ର): ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ରତନଜିତ ପ୍ରତାପ ନାରାୟଣ ସିଂହଙ୍କୁ ଦଳରେ ସ୍ୱାଗତ କରିଛନ୍ତି ଉତରପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆରପିଏନ୍ ସିଂହଙ୍କ ଭଳି ବ୍ୟକ୍ତିତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱକୁ ସ୍ୱୀକାର କରି ବିଜେପିରେ ମିଶିଛନ୍ତି। ଏହା ଦଳ ପାଇଁ ଏକ ଶୁଭ ସଂକେତ। ଶ୍ରୀ ସିଂହ ଅନେକ ଥର ବିଧାୟକ, ଲୋକସଭା ପ୍ରତିନିଧିତ୍ୱ ତଥା ଭାରତ ସରକାରରେ ମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। କଂଗ୍ରେସ ପାର୍ଟିର ବିଭିନ୍ନ ସଂଗଠନାତ୍ମକ କାମକୁ ମଧ ଦାୟିତ୍ୱସମ୍ପନ୍ନ ଭାବେ ପାଳନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଜନତା ପାର୍ଟି ୟୁପିର ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି। ଉତରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଜାରୀ ରହିଥିବା ବେଳେ ଆମ ଦଳ ବିଜେପି ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକକଲ୍ୟାଣକାରୀ ନେତୃତ୍ୱ, ଉତରପ୍ରଦେଶ ସରକାରଙ୍କ ସୁଶାସନ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଛି। ରାଜ୍ୟର ବିକାଶ, ଗରିବ କଲ୍ୟାଣ ଯୋଜନା ଏବଂ ୟୁପିରେ ବଦଳିଥିବା ଆଇନ ବ୍ୟବସ୍ଥାକୁ ନେଇ ନିର୍ବାଚନ ଲଢ଼ାଯାଉଛି। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ସ୍ୱୀକାର କରି ବିକାଶର ପ୍ରସଙ୍ଗ ତଥା ଗରିବ କଲ୍ୟାଣକୁ ବିଶ୍ୱାସ କରି ଉତରପ୍ରଦେଶକୁ ଦେଶର ଅଗ୍ରଣୀ ରାଜ୍ୟ କରିବା ପାଇଁ ଆରପିଏନ୍ ସିଂହ ଯୋଗ ଦେଇଛନ୍ତି।

## ବାଇଗଣବାଡିଆ ପଂଚାୟତରେ ଜିଲ୍ଲାପରିଷଦ ପ୍ରାର୍ଥୀନୀଙ୍କୁ ଦୁର୍ବ୍ୟବହାର : ଥାନାରେ ଅଭିଯୋଗ

ଜଳେଶ୍ୱର, ୨୫/୧(ନି.ପ୍ର): ସମଗ୍ର ରାଜ୍ୟରେ ତ୍ରୀସ୍ତରୀୟ ପଂଚାୟତରାଜ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ବାଇଗଣବାଡିଆ ପଂଚାୟତର କଣ୍ଟାପାଳ ଗାଁରେ ସୋମବାର ବିଳମ୍ବିତ ରାତିରେ ୧୦ନଂ ଜିଲା ପରିଷଦ ସଦସ୍ୟାଙ୍କ ଉପରେ ଆକ୍ରମଣ ହୋଇଥିବାର ଥାନାରେ ଅଭିଯୋଗ ହୋଇଛି । ଗତକାଲି ରାତିରୁ ପୁଲିସ୍ ସେଠାରେ ପଇଁତାରା ମାରୁଥିବାରୁ ଏଥିନେଇ ଛକାପଞ୍ଝା ଲାଗି ରହିଛି । ଘଟଣାରୁ ପ୍ରକାଶ, ଗତ ସୋମବାର ସଂଧ୍ୟାରେ ୧୦ ନଂ ଜୋନ୍‌ର ପ୍ରାର୍ଥୀନୀ ମିନତୀ ଜେନା ଓ ତାଙ୍କ ସ୍ୱାମୀ ସୁଧିର କୁମାର ଜେନା କଣ୍ଟାପାଳ ଗାଁକୁ ଆସିଥିଲେ । ଶ୍ରୀମତୀ ଜେନା ବିଜେଡି ଦଳରୁ ପ୍ରାର୍ଥୀ ହୋଇଥିବାରୁ ଅମୂଲ୍ୟ ମାଝିଙ୍କ ବାରଣ୍ଡାରେ କୋଭିଡ ୧୯ ଗାଇଡ ଲାଇନ୍ ଅନୁଯାୟୀ ଗାଁର କେତେକ ବ୍ୟକ୍ତିଙ୍କ ସହିତ ଆଲୋଚନା କରୁଥିଲେ । ଏହି ସମୟରେ ଗାଁର ଅନ୍ୟ କେତେକ ବ୍ୟକ୍ତି ସେଠାରେ ପହଞ୍ଚି ଯୁକ୍ତି ତର୍କ, ଅଶାଳୀନ ମନ୍ତବ୍ୟ ସହିତ କେତେକଙ୍କୁ ଠେଲାପେଲା କରିଥିଲେ । ସେମାନଙ୍କୁ ଧମକ ଦେବା ସହିତ ପାଟିତୁଣ୍ଡ କରିଥିଲେ । ଫଳରେ ସୁଧିର କୁମାର ଜେନା ଜଳେଶ୍ୱର ଥାନାକୁ ଫୋନ ଯୋଗେ ଜଣାଇବାରୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଏହି ଦେଖି ଗଣ୍ଡଗୋଳ କରୁଥିବା ଶହ ଶହ ଲୋକ ସେଠାରୁ ଖସି ଯାଇଥିଲେ । ଘଟଣାସ୍ଥଳରେ ବିଜେଡିର କେତେକ ନେତୃବୃନ୍ଦ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା ଚଳାଇଛନ୍ତି । ଏପରି ଘଟଣା ସମଗ୍ର ବ୍ଲକରେ ଆଲୋଚ୍ୟର ବିଷୟ ହୋଇଛି ।

ବାଲେଶ୍ୱର, ବୁଧବାର, ୨୬ ଜାନୁଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୫୮୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୮୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧୭୮୪୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୫୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୩୧ ହଜାର ୯୧୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୭୩୪୦ ରହିଛି । ଆଜି ଚିହ୍ନଟ ହୋଇଥିବା ୫୮୯୧ ଜଣଙ୍କ ମଧ୍ୟରୁ ୩୪୧୩ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୫୦୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୬, ବାଲେଶ୍ୱର ଜିଲ୍ଲାରୁ ୨୩୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୯୩, କଟକରୁ ୪୮୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୩୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୯୬, ଗଂଜାମ ଜିଲ୍ଲାରେ ୭୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୮, ଯାଜପୁରରୁ ୨୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୮୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୭୩ , କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଜାତୀୟ ମତଦାତା ଦିବସ : ନୂତନ ଭୋଟରଙ୍କୁ ପରିଚୟ ପତ୍ର ପ୍ରଦାନ



ବାଲେଶ୍ୱର,୨୫/୦୧ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ଦ୍ୱାଦଶ ଜାତୀୟ ମତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଦଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ସମସ୍ତଙ୍କୁ ମତଦାତାଙ୍କ କର୍ତ୍ତବ୍ୟ ସମ୍ପର୍କିତ ଭୋଟର ସଙ୍କଳ୍ପ ପାଠ କରାଇଥିଲେ । ଜାତୀୟ ଭୋଟର ଦିବସ ପାଳନର ଆଭିମୁଖ୍ୟ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜିଲାପାଳ ସମସ୍ତଙ୍କୁ ଅବଗତ କରିଥିଲେ। ନିର୍ବାଚନ ମାଧ୍ୟମରେ ଭୋଟରମାନେ ନିଜ ପସନ୍ଦର ପ୍ରତିନିଧି ବାଛି ଆଦର୍ଶ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାର କ୍ଷମତା ରହିଛି । ତେଣୁ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇ ନିର୍ବାଚନରେ ନିଜ ମତାଧିକାରକୁ ସାବ୍ୟସ୍ତ କରିବା ଏବଂ ଭୋଟ ହାର ବୃଦ୍ଧି ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଶେଷ କରି ଯୁବ ଭୋଟରଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଜିଲାପାଳ କହିଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଏଥିରେ ଯୋଗ ଦେଇ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନେ ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେହିପରି ଜିଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଉଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ବୁଥସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ମନୋଜ କାର୍ଜି, ଆସିଷ୍ଟାଣ୍ଟ ସ୍ୱାଗତିକା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଗଣତନ୍ତ୍ର ଦିବସ ପୂର୍ବରୁ ଓଡ଼ିଶୀ ନୃତ୍ୟରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ, ୨୫/୦୧ (ନି.ପ୍ର): ଗଣତନ୍ତ୍ର ଦିବସ ପୂର୍ବରୁ ଶହୀଦଙ୍କ ପ୍ରତି ଓଡ଼ିଶୀ ନୃତ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ନୃତ୍ୟଶିଳ୍ପୀ । ଚାରୁନର୍ତ୍ତନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ୭୩ ତମ ସାଧାରଣତନ୍ତ୍ର ଦିବସ ପାଇଁ ଶୁଭେଚ୍ଛାର ବାର୍ତ୍ତା ଜଣାଇଛନ୍ତି । ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ ନିଳାଦ୍ରି ବିଚ୍, ସୂର୍ଯ୍ୟାଭ ବେଳାଭୂମିରେ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ବେଳାଭୂମିରେ ଜାତୀୟ ପତାକା ତଳେ ବିଭିନ୍ନ ଭଙ୍ଗୀରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଶହୀଦଙ୍କୁ ସମ୍ମାନ ଜଣାଇଛନ୍ତି । ଅନୁଷ୍ଠାନର ଗୁରୁ ବିବେକ ମହାନ୍ତି ଓ ତାଙ୍କ ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ ।

## ପଟ୍ଟାବିହୀନଙ୍କ କ୍ଷୋଭ ରାଜନୈତିକ ରୂପ ନେବ



ବାରିପଦା, ୨୫/୦୧ (ନି.ପ୍ର): ବାରିପଦା ପୌରପରିଷଦର ୨୨ ନମ୍ବର ୱାର୍ଡରେ ଓ ୨୫ ନମ୍ବର ୱାର୍ଡରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ଟ୍ରଷ୍ଟର ଅନୁକୂଲ୍ୟରେ ସଭାପତି ନନ୍ଦକୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଦୁଇଟି ପୃଥକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଭୟ ବୈଠକରେ ପଟ୍ଟାବିହୀନ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନରେ ହେଉଥିବା କାଳକ୍ଷେପଣ ନୀତିକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା କ୍ଷ ପୌର ନିର୍ବାଚନ ପୂର୍ବରୁ ସମସ୍ତଙ୍କୁ ଭୂମୀ ଅଧିକାର ପ୍ରମାଣପତ୍ର ପ୍ରଦାନ କରା ନଗଲେ ଏ ଆନ୍ଦୋଳନ ନିଶ୍ଚିତ ଭାବେ ରାଜନୈତିକ ରୂପ ନେବ ବୋଲି ମତ ପ୍ରକାଶ ପାଇଛି । ଆଗାମୀ ପୌର ନିର୍ବାଚନରେ ଟ୍ରଷ୍ଟ ନିଜ ସର୍ମ୍ଥିତ ପ୍ରାର୍ଥୀ ଛିଡା କରାଇବାକୁ ପଛାଇବ ନାହିଁ ବୋଲି କୁହାଯାଇଛି । ଦେଶରେ ଏହି ଭଳି ଜନ ଆନ୍ଦୋଳନ ଅନେକ ସ୍ଥଳରେ ରାଜନୈତିକ ରୂପ ନେବାର ଅନେକ ଦୃଷ୍ଟାନ୍ତ ରହିଛି ବୋଲି ବକ୍ତା ମାନେ ନିଜନିଜ ବକ୍ତବ୍ୟରେ କହିଛନ୍ତି । ଟ୍ରଷ୍ଟର ସାଧାରଣ ସଂପାଦକ କାହ୍ନୁଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ପ୍ରୀୟଜିତ ମଦିନା, ଭାରତୀ ପାତ୍ର, ପ୍ରଦୀପ କୁମାର ପଣ୍ଡା, ସେକ ରାଜୁ, ଆରତୀ କୁଅଁର, ଶରତ ବେହେରା, କବିତା ଦେ ପ୍ରମୁଖ କର୍ମକର୍ତ୍ତା ନିଜନିଜର ବକ୍ତବ୍ୟ ରଖିଥିଲେ ।

## ରାଜ୍ୟରେ ଆଉ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୩୨ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୩ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଦୁଲି ପ୍ରାର୍ଥୀପତ୍ର କଲେ ପ୍ରତ୍ୟାହୃତ : କହିଲେ ସଂଘ ଶିଖାଇଛି ଶୃଙ୍ଖଳା ଓ ଦେଶ ଭକ୍ତିର ଭାବନା



ଉଦଳା, ୨୫/୦୧ (ନି.ପ୍ର): ମୟୂରଭଞ୍ଜର ୧୩ ନଂ ଜୋନ ଜିଲ୍ଲା ପରିଷଦ ଆସନ ପାଇଁ ଦୁଲି ହେମ୍ବ୍ରମ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ଯାଞ୍ଚ ସରିଯିବା ପରେ ସେ ନିର୍ବାଚନର ରଣାଙ୍ଗନକୁ ଓହ୍ଲାଇଥିଲେ । ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସଦସ୍ୟ ହୋଇଥିବାରୁ ତାଙ୍କ ନିକଟରେ ସଂଘର ନିତି ଆଦର୍ଶ ପୁରା ମାତ୍ରାରେ ଦେଖିବାକୁ ମିଳିଥାଏ । ଏହା ଦେଖି ତାଙ୍କ ଦ୍ୱାରା ଭାରତୀୟ ଜନତା ପାର୍ଟିର ଭୋଟ ଭାଗ ହୋଇଯିବ ବୋଲି ଅଙ୍କକଷା ଆରମ୍ଭ ହୋଇଥିଲା । କିନ୍ତୁ ସେ ନିଜେ ଆଜି ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିବାର ଜଣାଯାଇଛି । ଏବାବଦରେ ସେ ଗଣ ମାଧ୍ୟମକୁ ଜଣାଇଛନ୍ତି ଯେ ସଂଘ ତାଙ୍କୁ ଶୃଙ୍ଖଳା ଓ ଦେଶ ଭକ୍ତିର ଭାବନା ଶିଖାଇଛି । ଭାରତୀୟ ଜନତା ପାର୍ଟିର ପ୍ରାର୍ଥିନୀଙ୍କୁ ସେ ସମର୍ଥନ କରିବେ ବୋଲି କହିବା ସହିତ ସଂଘର ନୀତି ଆଦର୍ଶରେ ଅନୁପ୍ରାଣୀତ ସମସ୍ତ ସରପଞ୍ଚ, ସମିତି ସଦସ୍ୟ ଓ ୱାର୍ଡ ସଦସ୍ୟ ମାନଙ୍କ ପାଇଁ ପ୍ରଚାର କରିବେ । ଦୁଲି ହେମ୍ବ୍ରମଙ୍କର ଏତାଦୃଶ କାର୍ଯ୍ୟକଳାପ ପାଇଁ ଏବେ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ସେହିପରି ନିଶାଦ୍ରବ୍ୟ ସେବନକୁ ସେ ସବୁଦିନ ବିରୋଧ କରି ଆସିଛନ୍ତି, ଆଗାମୀ ଦିନରେ ଏଥି ପାଇଁ ସେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି । ଦେଶ ଗଠନ ପାଇଁ ନିଶା ଦ୍ରବ୍ୟର ବ୍ୟବହାର ସଂପୂର୍ଣ୍ଣ ବନ୍ଦ ହେବାର ଆବଶ୍ୟକତା ରହିଛି ବୋଲି ସେ ବ୍ୟକ୍ତ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଭାରତ ମାତା ପୂଜନ

ବାଲେଶ୍ୱର,୨୫/୦୧ (ନି.ପ୍ର): ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଭାରତ ମାତା ପୂଜନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାମେଶ୍ୱର ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି କାଞ୍ଚନବାଳା ପାତ୍ର ଅଧ୍ୟକ୍ଷତା କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେବଭୂମି ତଥା ଚିରନମସ୍ୟା ଭାରତ ମାତା ଆଜି ବିଶ୍ୱବନ୍ଦିତା ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂଜାର୍ଚ୍ଚନା କରିବା ସହିତ ସଙ୍ଗୀତ ଗାନ ପୂର୍ବକ ଭାରତମାତାଙ୍କ ପଦ ବନ୍ଦନା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ମୁଖ୍ୟ ଉପଦେଷ୍ଟା ଉପେନ୍ଦ୍ର ନାଥ ପାତ୍ର, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୀଳିମା ଦେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନବନିର୍ମିତ ତ୍ରୟୋମ୍ବକମ ମହାଦେବ ମନ୍ଦିର ପ୍ରତିଷ୍ଠା

ବାଲେଶ୍ୱର,୨୫/୦୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଓଲନ୍ଦାସାରଗାଁ ପଞ୍ଚାୟତର ତେନ୍ତୁଳିମୁଣ୍ଡି ଗ୍ରାମରେ ନବ ନିର୍ମିତ ତ୍ରୟୋମ୍ବକେଶ୍ୱର ମହାଦେବ ମନ୍ଦିରର ୩ଦିନିଆ ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି । ଗତ ୨୨ ତାରିଖରରେ ଅଙ୍କୁରାରୋପଣ ଓ ଅଧିବାସ ସାଙ୍ଗକୁ ୨୩ ତାରିଖରେ କଳସ ଶୋଭାଯାତ୍ରା ସହ ଘଟସ୍ଥାପନ କରାଯାଇଥିଲା। ଏହି ଅବସରରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ନୀତିରେ ପୂଜା ଓ ମହାଦେବଙ୍କ ମହାଲିଙ୍ଗ ପ୍ରତିଷ୍ଠା ସହ ୨୪ ତାରିଖରେ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ୩ ଦିନ ଧରି ଭଜନ କୀର୍ତ୍ତନ ସହ ସଂଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେନ୍ତୁଳିମୁଣ୍ଡି ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ବାବା ତ୍ରୟୋମ୍ବକେଶ୍ୱର ମହାଦେବଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଉଦଯାପନ ଦିବସରେ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଉତ୍କଳ ସମାଜର ମୁଖ୍ୟ ଡ. ଭାସ୍କର ଚନ୍ଦ୍ର ଜେନା ଓ ସ୍ଥାନୀୟ ସରପଞ୍ଚ ଜଳଧର ବିଶ୍ୱାଳ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ମହାଦେବଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ରାଜୀବ ମଲିକ, ଉମାକାନ୍ତ ସ୍ୱାଇଁ, ରମାକାନ୍ତ ଜେନା, ନାରାୟଣ ଜେନା, ପୁରୁଷୋତ୍ତମ ଜେନା ଓ ମୁନା କର ପ୍ରମୁଖ ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନା କରିଥିଲେ। ୨୦୦୭ ମସିହାରୁ ଏହି ଅଞ୍ଚଳରେ ଲଗାତର ୨ଗୋଟି ଷଣ୍ଢଙ୍କର ଦୁର୍ଘଟଣାରେ ମୃତ୍ୟୁ ହେବା ନେଇ ଗ୍ରାମବାସୀମାନେ ଆତଙ୍କିତ ହୋଇ ପଡ଼ିଥିଲେ। ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ବ୍ୟକ୍ତିଙ୍କ ପରାମର୍ଶ କ୍ରମେ ସେଠାରେ ଏକ ମହାଦେବ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଗ୍ରାମର ବଦାନ୍ୟ ବ୍ୟକ୍ତି ଅନାଦି ଚରଣ ମଲିକ ଓ ରାମଚନ୍ଦ୍ର ଜେନା ମନ୍ଦିର ପାଇଁ ଜମିଦାନ କରିବା ପରେ ଗ୍ରାମବାସୀଙ୍କ ସହଯୋଗରେ ୯ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚରେ ମହାଦେବ ମନ୍ଦିର ନିର୍ମାଣ କରାଯାଇଥିବା ମନ୍ଦିର କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।


## କରୋନାରୁ ସୁସ୍ଥ ହେଲେ ୧୦୨୪୪

ଭୁବନେଶ୍ୱର, ୨୫/୦୧ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ୧୦ ହଜାର ୨୪୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୪୨ହଜାର ୧୬୧ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୩୮୦ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୨୧୯ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୯୧୫, ସମ୍ବଲପୁରରୁ ୩୯୦, ବାଲେଶ୍ୱରରୁ ୩୨୩, ବଲାଙ୍ଗୀରରୁ ୨୫୩, ନୟାଗଡ଼ରୁ ୨୧୭, ପୁରୀରୁ ୧୯୮, ଅନୁଗୁଳରୁ ୧୮୮, କୋରାପୁଟରୁ ୧୮୪ ଓ ରାୟଗଡ଼ାରୁ ୧୮୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଯାଜପୁରରୁ ୧୭୯, ମୟୂରଭଂଜରୁ ୧୭୪, ଢେଙ୍କାନାଳରୁ ୧୬୮, କଳାହାଣ୍ଡିରୁ ୧୬୩, ଜଗତସିଂହପୁରରୁ ୧୬୧, ନବରଂଗପୁରରୁ ୧୪୯, ବରଗଡ଼ରୁ ୧୪୫, ସୁବର୍ଣ୍ଣପୁରରୁ ୧୦୮, କେନ୍ଦ୍ରାପଡ଼ାରୁ ୧୦୫, ଝାରସୁଗୁଡ଼ାରୁ ୯୬, ଭଦ୍ରକ ଓ ଗଂଜାମରୁ ୯୧ ଜଣ ଲେଖାଏଁ, ବୌଦ୍ଧରୁ ୯୦, ଗଜପତିରୁ ୮୫, କନ୍ଧମାଳରୁ ୭୬, ମାଲକାନଗିରିରୁ ୭୩, ଦେବଗଡ଼ରୁ ୫୩, ନୂଆପଡ଼ାରୁ ୩୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଚାନ୍ଦମାରୀ ପଡ଼ିଆରେ ଆଦିବାସୀ ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୨୫/୦୧ (ନି.ପ୍ର): 'ମାରାଙ୍ଗବୁରୁ ଆଦିବାସୀ ଜୁଆନ ସେମିଲେନ' ସଂଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଆଦିବାସୀ ଉତ୍ସବ ସ୍ଥାନୀୟ ଚାନ୍ଦମାରୀ ପଡ଼ିଆରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଆଦିବାସୀ ଯୁବକମାନଙ୍କୁ ନେଇ ଗଠିତ ଆଠଟି ଫୁଟବଲ ଦଳ ସମ୍ବଳିତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଗୌରାଙ୍ଗ ପାଣିଗ୍ରାହୀ, ବ୍ୟାସକବିନଗର ବିକାଶ ପରିଷଦର ଉପଦେଷ୍ଟା ଆଇନଜୀବୀ ଅଖିଳ କୁମାର ଦାସ ଓ ରୟାଲ୍ କ୍ଲବର ସଭାପତି ଭଗବାନ ମହନ୍ତୀ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆମ ଦେଶ ଓ ରାଜ୍ୟର ପାରମ୍ପାରିକ ଫୁଟବଲ ଖେଳକୁ ଆଦିବାସୀ ଯୁବକମାନେ ବଞ୍ଚାଇ ରଖିଥିବାରୁ ଅତିଥିମାନେ ପ୍ରତିଯୋଗୀ ଓ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। କୋଭିଡ଼ କଟକଣା ମଧ୍ୟରେ ଆସନ୍ତାକାଲି ସାଧାରଣତନ୍ତ୍ର ଦିବସରେ ଆଦିବାସୀ ମହିଳା ଓ ପୁରୁଷମାନଙ୍କର ପାରମ୍ପାରିକ ନୃତ୍ୟ ଓ ବାଦ୍ୟର ଉତ୍ସବ ଶୃଙ୍ଖଳାର ପାଳନ ପାଇଁ ପରାମର୍ଶ ଦେଇଥିଲେ।ଏହି ଉଦଘାଟନ କାର୍ଯ୍ୟକ୍ରମରେ 'ମାରାଙ୍ଗବୁରୁ ଆଦିବାସୀ ଜୁଆନ ସେମିଲେନ' ସଂଗଠନ ପକ୍ଷରୁ ମନୁ ମାଝୀ, କାହ୍ନୁ ସରେନ୍, ସନତ ମୁର୍ମୁ, ମିଥୁନ ମୁର୍ମୁ, ପ୍ରମୁଖ ଉପସ୍ଥିତ ଥିଲେ।

## ମୁଣ୍ଡାରୀ ବାନୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ



ବାରିପଦା, ୨୫/୦୧ (ନି.ପ୍ର): ମୁଣ୍ଡା ସମ୍ପ୍ରଦାୟର ଦୁଇ ସଂଗଠନ ମୁଣ୍ଡାରୀ ସମାଜ ସାର ଜାମଡା ଏବଂ ମୁଣ୍ଡାରୀ ଭାଷା ଓ ସଂସ୍କୃତି ଏକାଡେମିର ମିଳିତ ଆନୁକୁଲ୍ୟରେ ମୁଣ୍ଡାରୀ ଲିପି ମାଧ୍ୟମରେ ଅଲଗୁରୁ ରୋହିଦାସ ସିଂ ନାଗ ମୁଣ୍ଡାରୀ ବିଦ୍ୟାବୃତି ପରୀକ୍ଷା-୨୦୨୨ ସ୍ଥାନିୟ ରଙ୍ଗାମାଟିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଣ୍ଡାରୀ ଲିପିର ପ୍ରସାର ପ୍ରଚାର ଓ ମୁଣ୍ଡାରୀ ଭାଷାର ଉନ୍ନତି ସହିତ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ମେଧା ବୃତି ପରୀକ୍ଷା ପ୍ରତି ବର୍ଷ ଆୟୋଜନ କରା ଯାଇଥାଏ । ଏ ବର୍ଷ ଓଡିଶାର ବିଭିନ୍ନ ମୁଣ୍ଡାରୀ ବାନୀ ବିଦ୍ୟାଳୟରୁ ଚୟନ ହୋଇଥିବା ୩୬ଜଣ ଛାତ୍ରୀ ଛାତ୍ର ଏଥିରେ ଭାଗ ନେଇଥିଲେ । ଅଲଗୁରୁ ରୋହିଦାସ ସିଂ ନାଗଙ୍କ ଜନ୍ମ ଜୟନ୍ତି ଅବସରରେ ଫେବୃଆରୀ ୫ ତାରିଖ ଦିନ ଏହି ବୃତି ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଛାତ୍ରଙ୍କୁ ମାନପତ୍ର ସହିତ ପ୍ରଥମ ମାସର ଆର୍ଥିକ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରା ଯାଇଅଛି । ଏହି କୃତି ଛାତ୍ରୀ ଛାତ୍ରଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ମାସିକ କିସ୍ତିରେ ବ୍ୟାଙ୍କ ଖାତା ମାଧ୍ୟମରେ ଆର୍ଥିକ ରାଶି ପ୍ରଦାନ କରା ଯାଇଥାଏ । ପରୀକ୍ଷା ଶେଷରେ ବୁରୁବଙ୍ଗା ମୁଣ୍ଡାରୀ ବାନୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବୁଦ୍ଧିଆ ସିଂଙ୍କ ଅଧ୍ୟକତାରେ ଏକ ବୈଠକ ଆୟୋଜନ କରା ଯାଇଥିଲା । ଉକ୍ତ ବୈଠକରେ ଛାତ୍ର ଛାତ୍ରୀ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମୀ ମାନଙ୍କ ମଧ୍ୟରେ ମୁଣ୍ଡାରୀ ଭାଷା ଓ ଲିପିର ଉନ୍ନତି ବିଷୟରେ ଆଲଚନା କରିଥିଲେ । ଏଥିରେ ସର୍ବ ଭାରତୀୟ ମୁଣ୍ଡାରୀ ଲେଖକ ସଂଘର ସାଧାରଣ ସଂପାଦକ ବିରବଲ ସିଂ, ମୁଣ୍ଡାରୀ ଚଳଚିତ୍ର ନିର୍ଦ୍ଦେଶକ ତଥା ସମାଜ ସେବୀ ବିଲକାନ ପ୍ରଭୁଦୟାଲ ନାଗ, ମୁଣ୍ଡାରୀ ସମାଜ ସାୱାର ଜାମଡା ସଂଗଠନର ସାଧାରଣ ସମ୍ପାଦକ କାହ୍ନଚରଣ ସିଂ, ମୁଣ୍ଡାରୀ ସମାଜ ସାର ଜାମଡା ସଂଗଠନର କୋଷାଧ୍ୟକ୍ଷ ଇଂ ସୁନାରାମ ସିଂ ପ୍ରମୁଖ ଛାତ୍ରୀ ଛାତ୍ର ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ ପରୀକ୍ଷାକୁ ବିଭିନ୍ନ ମୁଣ୍ଡାରୀ ବାନୀ ବିଦ୍ୟାଳୟର ଶିକ୍ଷକ ସୁକଦେବ ସିଂ, ବୁଦ୍ଧିଆ ସିଂ, ରାମେଶ୍ୱର ସିଂ, ବଇଦନାଥ ସିଂ, ଅନ୍ନପୂର୍ଣ୍ଣା ସିଂ, ଇନ୍ଦ୍ରମଣୀ ସିଂ ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସର୍ବଦଳୀୟ ବୈଠକ



ବାଲେଶ୍ୱର,୨୫/୦୧ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ପରିପ୍ରେକ୍ଷୀରେ ଏକ ସର୍ବଦଳୀୟ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିବା ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପଞ୍ଚାୟତ ନିର୍ବାଚନର ବିଭିନ୍ନ ପର୍ଯ୍ୟାୟ ଓ ପ୍ରକ୍ରିୟା, ଆଦର୍ଶ ଆଚରଣ ବିଧି, କୋଭିଡ୍-୧୯ ମାର୍ଗଦର୍ଶିକା, ନିର୍ବାଚନୀ ଖର୍ଚ୍ଚ ସୀମା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ବାଲେଶ୍ୱର ଜିଲାରେ ୨ଜଣ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ଜଣେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆଜି ଏହି ପର୍ଯ୍ୟବେକ୍ଷକମାନେ ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରିଥିଲେ । ବାଲେଶ୍ୱର ସଦର ଉପଖଣ୍ଡ ପାଇଁ ଜ୍ୟୋତିରଞ୍ଜନ ପ୍ରଧାନ (ମୋ-୯୪୩୮୩୯୬୮୯୩) ଓ ନୀଳଗିରି ଉପଖଣ୍ଡ ପାଇଁ ରେମିସ୍ କେରକେଟା (ମୋ-୯୪୩୭୦୪୯୦୦୨) ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ବେଳେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ପାଇଁ ସୁକାନ୍ତ ପ୍ରସାଦ ଦାଶ (ମୋ-୯୪୩୭୨୨୩୪୪୦) ନିଯୁକ୍ତ ହୋଇଛନ୍ତି । ୫ଟି ପର୍ଯ୍ୟାୟରେ ଜିଲାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ପର୍ଯ୍ୟବେକ୍ଷକମାନେ ବ୍ଲକଗୁଡିକୁ ଗସ୍ତ କରି ସମ୍ପୂର୍ଣ୍ଣ ନିର୍ବାଚନ ପରିଚାଳନା, ଆଚରଣ ବିଧି, କୋଭିଡ୍ କଟକଣା, ଖର୍ଚ୍ଚ ସୀମା ଇତ୍ୟାଦି ଉପରେ ନଜର ରଖିବା ସହିତ ନିର୍ବାଚନ ସଂକ୍ରାନ୍ତୀୟ ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନେବେ । ଜାନୁଆରୀ ୨୫ ତାରିଖ ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ନିର୍ବାଚନ ପ୍ରଚାର, ଆଦର୍ଶ ଆଚରଣ ବିଧି, କୋଭିଡ କଟକଣା, ଭୋଟ ଗ୍ରହଣ, ଭୋଟ ଗଣତି, କଂଟ୍ରୋଲ ରୁମ୍ ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଫେବୃଆରୀ ୧୬ତାରଖରୁ ୨୪ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ସକାଳ ୭ଘଟିକାରୁ ଦିନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ରାଜନୈତିକ ଦଳମାନେ ସେମାନଙ୍କର ପୋଲିଂ ଏଜେଂଟ ଏବଂ କାଉଂଟିଂ ଏଜେଣ୍ଟମାନଙ୍କୁ ନିର୍ବାଚନ ଆଚରଣ ବିଧି, କୋଭିଡ କଟକଣା ଏବଂ ଅନ୍ୟାନ୍ୟ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକୀୟ ପ୍ରଶିକ୍ଷଣ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ସେହିଭଳି ପଞ୍ଚାୟତ ନିର୍ବାଚନରେ ସମସ୍ତ ପ୍ରକାର ସଭାସମିତି, ମୋଟର ସାଇକେଲ ରାଲି, ପଥପ୍ରାନ୍ତ ସଭା ଆଦି ଉପରେ କଟକଣା ଜାରି କରାଯାଇଥିବା ବେଳେ, ପ୍ରାର୍ଥୀମାନେ ସର୍ବାଧିକ ୫ଜଣଙ୍କୁ ଧରି ଘରକୁ ଘର ବୁଲି ପ୍ରଚାର କରିପାରିବେ। କୋଭିଡ ଆକ୍ରାନ୍ତ ପ୍ରାର୍ଥୀ କେବଳ ସୋସିଆଲ ମିଡିଆ ଏବଂ ଇଲେକ୍ଟ୍ରୋନିକ ମିଡିଆରେ ପ୍ରଚାର କରିପାରିବେ। ଡାକବାଜି ଯନ୍ତ୍ର/ଲାଉଡସ୍ପିକର ବ୍ୟବହାର ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ ପଡିବ। ଦୁଇଟି ଟିକା ନେଇଥିବା ଏବଂ କୋଭିଡ ନେଗେଟିଭ ଥିବା ପୋଲିଂ ଏଜେଂଟ/ବ୍ୟକ୍ତିଙ୍କୁ ହିଁ ଭୋଟଗଣତି କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ମିଳିବ। ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନଙ୍କ ପାଇଁ ୨ଲକ୍ଷ ଟଙ୍କା ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ୫ଲକ୍ଷ ଟଙ୍କା ଖର୍ଚ୍ଚ ସୀମା ଧାର୍ଯ୍ୟ ହୋଇଛି। ପ୍ରାର୍ଥୀମାନେ ନିଜ ନିର୍ବାଚନୀ ଖର୍ଚ୍ଚକୁ ଉପ-ଜିଲାପାଳ / ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ଗୋଟିଏ ରେଜିଷ୍ଟରରେ ଲିପିବଦ୍ଧ କରି ରଖିବେ ଯାହା କି ଆବଶ୍ୟକସ୍ଥଳେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯିବ। ଗସ୍ତ ସୂଚୀ ପ୍ରକାରେ ଫେବୃଆରୀ ୧ ଓ ୧୪ ତାରିଖରେ ବାଲିଆପାଳ, ଭୋଗରାଇ, ଜଳେଶ୍ୱର, ବସ୍ତା ବ୍ଲକ କାର୍ଯ୍ୟାଳୟ, ଫେବୃଆରୀ ୨ ଓ ୧୫ତାରିଖରେ ଔପଦା, ଖଇରା, ସିମୁଳିଆ, ସୋର ବ୍ଲକ କାର୍ଯ୍ୟାଳୟ ଏବଂ ଫେବୃଆରୀ ୩ ଓ ୧୬ ତାରିଖରେ ନୀଳଗିରି, ବାହାନଗା, ରେମୁଣା, ସଦର ବ୍ଲକ କାର୍ଯ୍ୟାଳୟକୁ ଗସ୍ତ କରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରାର୍ଥୀମାନଙ୍କ ଖର୍ଚ୍ଚ ରେଜିଷ୍ଟର ଯାଞ୍ଚ କରିବେ ।

## ବିଜେଡି ଦଳ ପକ୍ଷରୁ ସବ୍ୟସାଚୀ ମହାପାତ୍ରଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

ନୀଳଗିରି, ୨୫/୦୧ (ନି.ପ୍ର): ଜିଲ୍ଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅନୁମୋଦନ କ୍ରମେ ନୀଳଗିରି ଏନ.ଏ.ସି. ସଭାପତି ରବିନ୍ଦ୍ର କୁମାର ପରିଡ଼ା ଦଳ ବିରୋଧୀ କାର୍ଯ୍ୟ ପାଇଁ ଯୁବନେତା ସବ୍ୟସାଚୀ ମହପାାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସବ୍ୟସାଚୀ ମହାପାତ୍ର ବିଭିନ୍ନ ପଂଚାୟତରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସମିତିସଭ୍ୟ, ସରପଂଚ, ଜିଲ୍ଲାପରିଷଦ ସଭ୍ୟ ଏବଂ ୱାର୍ଡସଭ୍ୟ ପାଇଁ ନାମାଙ୍କନ ପତ୍ର କରିସାରିଛନ୍ତି । ପଂଚାୟତ ନିର୍ବାଚନରେ ବିଜେଡି ଦଳ ପାଇଁ କାଳେ ସ୍ୱାଧୀନପ୍ରାର୍ଥୀମାନେ ବୁମେରାଂ ସାଜିବେ ସେଥିପାଇଁ ନୀଳଗିରିରେ ବିଜୁ ଜନତା ଦଳ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ନିଲମ୍ବନକୁ ପ୍ରତ୍ୟାହାର କରି ନିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ଶିଶିର କୁମାର ରାଉତ ଉପସ୍ଥିତ ରହି ସବ୍ୟସାଚୀ ମହାପାତ୍ରଙ୍କ ଉପରେ ନିଲମ୍ବନକୁ ପ୍ରତ୍ୟାହାର କରିନିଆଯାଇଛି ବୋଲି ସୂଚନା ଦେଇଛନ୍ତି । ଏନ.ଏ.ସି. ସଭାପତି ରବିନ୍ଦ୍ର କୁମାର ପରିଡ଼ା ଏହି ସାମ୍ବାଦିକ ସମ୍ମିଳନୀରେ ଅନୁପସ୍ଥିତ ଥିବା ବେଳେ ପ୍ରତ୍ୟାହାର ଚିଠିରେ ତାଙ୍କର ଦସ୍ତଖତ ଥିବା ଜଣାପଡ଼ିଛି । ଅନୁରୂପଭାବେ ସବ୍ୟସାଚୀ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ତାଙ୍କୁ ଦଳରୁ ନିଲମ୍ବନ ପ୍ରତ୍ୟାହାର ବିଷୟରେ ସଠିକ୍ ତଥ୍ୟ ଜାଣି ନ ଥିବା କହିଛନ୍ତି । ଜିଲ୍ଲା ସଭାପତିଙ୍କ ସହିତ ଆଲୋଚନା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo